# ଜଙ୍ଗଲ ଅଧିକାର ଆଇନ୍ ସମ୍ବନ୍ଧୀୟ ସୂଚନା ପୁସ୍ତିକା




## ବସୁନ୍ଧରା

ପ୍ଲଟ୍ ନଂ -୧୭୩୧/ସି, ଦାସ ମହାପାତ୍ର କମ୍ପ୍ଲେକ୍ସ,
ମାରୁତିଭିଲା ପାଖ, ପୋଷ୍ଟ - କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର - ୭୫୧୦୨୪,
ଫୋନ୍: ୦୬୭୪-୨୭୨୮୮୮୪, ୨୭୨୮୮୮୫

ଇ.ମେଲ୍ - vasundharanr@vasundharaorissa.org
ୱେବ୍ - www.vasundharaodisha.org, www.fra.org.in

# ଜଙ୍ଗଲ ଅଧିକାର ଆଇନ୍ ୨୦୦୬

## ଜଙ୍ଗଲ ଅଧିକାର ଆଇନ୍‌ର ଉଦ୍ଦେଶ୍ୟ

- ବଂଶାନୁକ୍ରମେ ଜଙ୍ଗଲରେ ବସବାସ ଓ ଜଙ୍ଗଲ ଉପରେ ନିର୍ଭରକରି ଆସୁଥିବା ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଓ ଜଙ୍ଗଲଜମି ଉପରେ ଥିବା ପାରମ୍ପରିକ ଅବା ପ୍ରଥାନୁମୋଦିତ ଅଧିକାରଗୁଡ଼ିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା,
- ଜୀବିକାର ସୁରକ୍ଷା ମାଧ୍ୟମରେ ଖାଦ୍ୟ ନିରାପତ୍ତା ଭଳି ସମସ୍ୟାର ସମାଧାନ କରିବା,
- ଗ୍ରାମସଭା ଦ୍ୱାରା ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା ଓ ପରିଚାଳନା ମାଧମରେ ଚିରନ୍ତନ ବ୍ୟବହାର ଜୈବ ବିବିଧତାର ଚିରନ୍ତନତା ଏବଂ ପାରିବେଶକ ସନ୍ତୁଳନ ଓ ରକ୍ଷଣାବେକ୍ଷଣ ଏବଂ ଜୈବ ବିବିଧତାର ସଂରକ୍ଷଣ କରିବା।

## ଆଇନ୍ କାହା ପାଇଁ ?

- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲ ମଧ୍ୟରେ ଓ ତାହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଓ ପ୍ରାଥମିକ ଭାବରେ ଜଙ୍ଗଲ ଉପରେ ନିର୍ଭର କରିଆସୁଥିବା ସମସ୍ତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତିର ଅନ୍ତର୍ଭୁକ୍ତ ପଶୁପାଳକ ସମ୍ପ୍ରଦାୟ।
- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ପ୍ରାଥମିକ ଭାବରେ ଜଙ୍ଗଲ ଉପରେ ନିର୍ଭର କରିଆସୁଥିବା ଏବଂ ତିନି ପିଢ଼ି ଧରି ଜଙ୍ଗଲ ମଧ୍ୟରେ ଓ ତାହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଅନ୍ୟାନ୍ୟ ପାରମ୍ପରିକ ବନବାସୀ।

## ଜଙ୍ଗଲ ଜମି କାହାକୁ ବୁଝାଏ ?

ଜଙ୍ଗଲ ଜମି କହିଲେ ନିମ୍ନଲିଖିତ ଜଙ୍ଗଲ ଅଞ୍ଚଳ ମଧ୍ୟରେ ଆସୁଥିବା ଯେ କୌଣସି ଜମି:

- **ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲ**
- **ପରିଦୃଷ୍ଟ କିମ୍ବା ବିବେଚିତ ହେଉଥିବା ଜଙ୍ଗଲ**
- **ଅଣ-ଚିହ୍ନଟ ଜଙ୍ଗଲ**
- **ରକ୍ଷିତ ଜଙ୍ଗଲ**
- **ସଂରକ୍ଷିତ ଜଙ୍ଗଲ**
- **ଅଭୟାରଣ୍ୟ, ଜାତୀୟ ଉଦ୍ୟାନ**
- **ରାଜସ୍ୱ ଖାତାରେ ବର୍ଣ୍ଣିତ / ଉଲ୍ଲେଖିତ ସମସ୍ତ କିସମର ଜଙ୍ଗଲ ଜମି**
  - ପତରା ଜଙ୍ଗଲ/ଖେସରା ଜଙ୍ଗଲ/ଛୋଟ ଜଙ୍ଗଲ/ବଡ଼ ଜଙ୍ଗଲ/ଗ୍ରାମ୍ୟ ଜଙ୍ଗଲ ଇତ୍ୟାଦି,
  - ଆର୍.ଓ.ଆର୍ (RoR)ର ମନ୍ତବ୍ୟସ୍ତମ୍ଭରେ ଯଦି "ଜଙ୍ଗଲ" ଲେଖାଯାଇଥିବା କୌଣସି ଜମି।
- **ଡ଼ି.ଏଲ୍.ସି ଜମି:**
  - ୧୯୯୬ ମସିହାରେ ଉଚ୍ଚତମ ନ୍ୟାୟଳୟର ନିର୍ଦ୍ଦେଶକ୍ରମେ ଚିହ୍ନଟ କରାଯାଇଥିବା ଜଙ୍ଗଲ ରୂପେ ବିବେଚିତ ଜମି।

# ଜଙ୍ଗଲ ଅଧିକାର ଆଇନ୍‌ରେ ପ୍ରଦତ୍ତ ଅଧିକାର

## ୧. ବ୍ୟକ୍ତିଗତ ଅଧିକାର

- ଜଙ୍ଗଲ ଜମିରେ ବସବାସ କରିବା ଓ ଚାଷକରି ଜୀବିକା ଅର୍ଜନ କରିବାର ଅଧିକାର,
- ବିବାଦୀୟ ଜମି ଉପରେ ଅଧିକାର (ଏହି ଅଧିକାର ଗୋଷ୍ଠିଗତ ଅଧିକାର ପାଇଁ ମଧ୍ୟ ପ୍ରଯୁଜ୍ୟ),
- ରାଜ୍ୟ ସରକାର ବା ତାଙ୍କର ସ୍ଥାନୀୟ ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଅସ୍ଥାୟୀ ପଟ୍ଟା ବା ମଞ୍ଜୁରୀ ବା ଲିଜ୍ ଜମିର ସ୍ଥାୟୀ ପଟ୍ଟା ପାଇବାର ଅଧିକାର,
- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ଅନୈତିକ ଭାବରେ ଉଚ୍ଛେଦ ହୋଇଥିବା ତଥା ଉପଯୁକ୍ତ ପୁନର୍ବାସ ପାଇନଥିବା ବ୍ୟକ୍ତି / ପରିବାରର ପୁନର୍ବାସ ଅଧିକାର (ଧାରା ୪ (୮) ଅନୁସାରେ ।

## ୨. ଗୋଷ୍ଠି ଅଧିକାର

(ଏହି ଅଧିକାରଗୁଡ଼ିକ ଜଙ୍ଗଲ ଉପରେ ଥିବା ବ୍ୟବହାରୀକ ତଥା ନିମ୍ନରେ ଦିଆଯାଇଥିବା ବିଶେଷ ଅଧିକାରୁ ବୁଝାଉଛି । ଯାହା ଫର୍ମ (ଖ)ରେ ଦାବି କରାଯିବ ।)

- 'ଜମିଦାରୀ' ବା 'ରାଜରାଜୁଡ଼ା' ଶାସନ କାଳରେ ମିଳିଥିବା "ନିସ୍ତାର" ଭଳି ସାମୁହିକ ଅଧିକାର,
- ଲଘୁ ବନଜାତ ଦ୍ରବ୍ୟର ଉପରେ ମାଲିକାନା ଓ ତାହାର ସଂଗ୍ରହ, ବ୍ୟବହାର ଓ ବିକ୍ରୟ ନିମନ୍ତେ ଅଧିକାର,
- ଜଙ୍ଗଲ ଜମିରେ ଥିବା ଜଳାଶୟଗୁଡ଼ିକରୁ ମାଛ ଧରିବା ବା ଅନ୍ୟ ଜଳଜ ଦ୍ରବ୍ୟ ସଂଗ୍ରହ କରିବାର ଅଧିକାର,
- ଯାଯାବର ଓ ଚାରଣଶୀଳ ଗୋଷ୍ଠୀମାନଙ୍କର ଜଙ୍ଗଲ ଜମି ମଧ୍ୟରେ ଋତୁଭିତ୍ତିକ ପ୍ରବେଶ ଓ ବ୍ୟବହାରିକ ଅଧିକାର,
- ଆଦିମ ଜନଜାତି ଓ ପ୍ରାକ୍‌କୃଷିଜୀବିମାନଙ୍କର ଆବାସସ୍ଥଳୀ/ବସତି ଉପରେ ଅଧିକାର,
- ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ପାରମ୍ପରିକ ଜ୍ଞାନକୌଶଳ ଉପରେ ବୌଦ୍ଧିକ ଅଧିକାର,
- ଅନ୍ୟକୌଣସି ପାରମ୍ପରିକ ଅବା ପ୍ରଥାନୁମୋଦିତ ଅଧିକାର ଯାହା ଉପରୋକ୍ତ ଅଧିକାର ମଧ୍ୟରେ ସ୍ଥାନ ପାଇନାହିଁ ।

## ୩. ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର

(ଏହି ଅଧିକାରଗୁଡ଼ିକ ଗ୍ରାମବାସୀଙ୍କ ପାରମ୍ପରିକ ସୀମା ମଧରେ ଥିବା ଜଙ୍ଗଲ ଅଂଚଳର ସୁରକ୍ଷା ଓ ପରିଚାଳନା ଅଧିକାରକୁ ବୁଝାଉଛି । ଯାହା ଫର୍ମ (ଗ)ରେ ଦାବି କରାଯିବ ।)

- ଦୀର୍ଘସ୍ଥାୟୀ ଉପଯୋଗ ନିମନ୍ତେ ପାରମ୍ପରିକ ଭାବେ ସୁରକ୍ଷା ଏବଂ ସଂରକ୍ଷଣ କରିଆସୁଥିବା କୌଣସି ଗୋଷ୍ଠି ସମ୍ବଳର ସୁରକ୍ଷା ପୁନଃଜନନ କିମ୍ବା ସଂରକ୍ଷଣ କିମ୍ବା ପରିଚାଳନାର ଅଧିକାର ।

# ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜଣେ ଦାବିଦାର୍ ସର୍ବାଧିକ କେତେ ପରିମାଣର ଜଙ୍ଗଲ ଜମି ଉପରେ ଅଧିକାର ପାଇପାରିବ ?

ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜଣେ ଦାବିଦାର୍ ପ୍ରକୃତରେ ବାସ କରୁଥିବା ଜମି ଓ ଚାଷ ତଥା ଏହାର ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିବା ଜମି ଉପରେ ଅଧିକାର ପାଇପାରିବ । କିନ୍ତୁ ଏହାର ପରିମାଣ ୪ ହେକ୍ଟର ଅବା ୧୦ ଏକରରୁ ଉର୍ଦ୍ଧ୍ୱ ହେବନାହିଁ ।

- ଏହି ସର୍ବାଧିକ ପରିମାଣ କେବଳ ଆଇନ୍‌ର ଧାରା ୩(୧)(କ) ଅଧିନରେ କରାଯାଇଥିବା ଦାବି ପାଇଁ ପ୍ରଜୁର୍ଯ୍ୟ ଅଟେ ।
- ଏହି ଅଧିକାର ପୁରୁଷାନୁକ୍ରମିକ ହେବ, କିନ୍ତୁ ହସ୍ତାନ୍ତରିତ କିମ୍ବା ସ୍ଥାନାନ୍ତରିତ ହେବନାହିଁ ।
- ଜଙ୍ଗଲ ଅଧିକାର ସ୍ୱୀକୃତି ଓ ଯାଞ୍ଚ ପ୍ରକ୍ରିୟା ଶେଷ ନହେବା ଯାଏଁ ବନବାସୀ ଓ ପାରମ୍ପରିକ ଅଧିବାସୀମାନଙ୍କୁ ସେମାନେ ଭୋଗ ଦଖଲ କରୁଥିବା ଜଙ୍ଗଲ ଜମିରୁ କେହି ଉଚ୍ଛେଦ କିମ୍ବା ବିତାଡ଼ିତ କରିପାରିବେ ନାହିଁ ।

# ଆଇନ୍‌ରେ କେଉଁ ଅଧିକାରକୁ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ ?

- ବନ୍ୟପ୍ରାଣୀମାନଙ୍କୁ ଶିକାର କରିବା ଅବା ଫାଶ ବସାଇବା କିମ୍ବା ସେମାନଙ୍କ ଶରୀରରୁ କୌଣସି ଅଂଶକୁ କାଢ଼ି ନେବା ଭଳି କାର୍ଯ୍ୟକଳାପକୁ ଏହି ଆଇନ୍ ଅଧିନରେ ସ୍ୱୀକୃତି ପ୍ରଦାନ କରାଯାଇନାହିଁ ।

# ଜଙ୍ଗଲ ଅଧିକାର ଆଇନ୍‌ରେ ଗ୍ରାମ ଓ ଗ୍ରାମସଭା



**ଗ୍ରାମ 'ଅର୍ଥାତ୍'**

- ପେସା ଆଇନ୍, ୧୯୯୬ର ଧାରା-୪ର ଉପବିଧି (ଖ)ରେ ସୂଚିତ ଗ୍ରାମ; କିମ୍ବା
- ଅନୁସୂଚିତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କିତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ; କିମ୍ବା
- ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମ ଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ; କିମ୍ବା
- ଯେଉଁ ରାଜ୍ୟରେ ପଞ୍ଚାୟତ ନାହିଁ, ପାରମ୍ପରିକ ଗ୍ରାମ ଯେ କୌଣସି ନାମର ହୋଇଥିଲେ ମଧ ତାହା ଗ୍ରାମ ରୂପେ ବିବେଚିତ ହେବ ।

**ଗ୍ରାମସଭା**

- ଗ୍ରାମର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ / ସାବାଳିକା (୧୮ ବର୍ଷରୁ ଉର୍ଦ୍ଧ୍ୱ) ଯୋଗ ଦେଉଥିବେ ଏବଂ
- ପଞ୍ଚାୟତ ବ୍ୟବସ୍ଥା ନଥିବା ରାଜ୍ୟରେ ପଡ଼ା, ଟୋଲା ଏବଂ ଅନ୍ୟାନ୍ୟ ପାରମ୍ପରିକ ଗ୍ରାମ୍ୟ ଅନୁଷ୍ଠାନ ଏବଂ ନିର୍ବାଚିତ ଗ୍ରାମ୍ୟ କମିଟିକୁ ବିଚାରକୁ ନିଆଯାଇପାରିବ, ଯେଉଁଥିରେ ମହିଳାମାନେ ସମ୍ପୂର୍ଣ୍ଣ ତଥା ଅବାଧ ଭାବରେ ଯୋଗଦାନ କରିପାରୁଥିବେ ।

## ଜଙ୍ଗଲ ଅଧିକାର ଧାରକ ଓ ଗ୍ରାମ ସଭାର କ୍ଷମତା

ଆଇନ୍‌ର ଧାରା (୫) ଅନୁସାରେ ଯେ କୌଣସି ଜଙ୍ଗଲ ଅଧିକାରର ଧାରକ, ଗ୍ରାମସଭା ଏବଂ ଆଞ୍ଚଳିକ ଗ୍ରାମସ୍ତରୀୟ ଅନୁଷ୍ଠାନ ଯେଉଁଠାରେ ଜଙ୍ଗଲ ଅଧିକାର ଧାରକ ଅଛନ୍ତି ସେଠାରେ ସେମାନଙ୍କୁ କ୍ଷମତା ପ୍ରଦାନ କରାଯିବ, ଯଥା:

କ) ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବ ବିବିଧତାର ସୁରକ୍ଷା;

ଖ) ଜଳ ବିଭାଜିକା ଅଞ୍ଚଳ, ଜଳଉତ୍ସ ଏବଂ ଅନ୍ୟାନ୍ୟ ପରିବେଶ ସ୍ପର୍ଶକାତର ଅଞ୍ଚଳଗୁଡ଼ିକୁ ପର୍ଯ୍ୟାପ୍ତଭାବେ ସୁରକ୍ଷା ସୁନିଶ୍ଚିତ କରିବ;

ଗ) ବନବାସୀ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବାସସ୍ଥଳୀର ସୁରକ୍ଷା ଏବଂ କୌଣସି ଧ୍ୱଂସକାରୀ ପ୍ରକ୍ରିୟାଦ୍ୱାରା ସେମାନଙ୍କର ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟକୁ କ୍ଷୁର୍ଣ୍ଣ ନ ହେବା ପାଇଁ ସୁରକ୍ଷା କରିବାକୁ ସୁନିଶ୍ଚିତ କରିବ;

ଘ) ଗୋଷ୍ଠୀ ଜଙ୍ଗଲ ସମ୍ବଳର ବ୍ୟବହାର ନିୟନ୍ତ୍ରଣ ପାଇଁ ଗ୍ରାମସଭା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସୁନିଶ୍ଚିତ କରିବା ଏବଂ କୌଣସି କାର୍ଯ୍ୟ ଯାହା ଜଙ୍ଗଲ, ବନ୍ୟପ୍ରାଣୀ ଓ ଜୈବ ବିବିଧତାକୁ ପ୍ରଭାବିତ କରୁଥିବ ତାହାକୁ ବନ୍ଦ କରିବା ।

## ଗ୍ରାମସଭା ବୈଠକର କୋରମ୍ କେତେ ହେବା ଆବଶ୍ୟକ ?

- ଗ୍ରାମସଭା ବୈଠକର କୋରମ୍ ଅତି କମ୍‌ରେ ସମସ୍ତ ସାବାଳକମାନଙ୍କର ୫୦ ପ୍ରତିଶତ ହୋଇଥିବା ଆବଶ୍ୟକ, ଯେଉଁଥିରେ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଦସ୍ୟା ଉପସ୍ଥିତ ଥିବେ ।
- ଯେଉଁ ଗ୍ରାମସଭା ବୈଠକରେ ଜଙ୍ଗଲ ଅଧିକାର ଦାବି ସମ୍ବନ୍ଧୀୟ କୌଣସି ସଂକଳ୍ପନାମା ପାରିତ କରାଯାଉଛି ସେହି ବୈଠକରେ ଅତି କମ୍‌ରେ ୫୦ ପ୍ରତିଶତ ଦାବିଦାର କିମ୍ବା ସେମାନଙ୍କର ପ୍ରତିନିଧି ଉପସ୍ଥିତ ରହିବା ଆବଶ୍ୟକ ଏବଂ ଏହି ବୈଠକରେ ଉପସ୍ଥିତ ଓ ମତ ଦେଉଥିବା ସଦସ୍ୟମାନଙ୍କ ସାଧାରଣ ବହୁମତ ଦ୍ୱାରା ସଂକଳ୍ପନାମା ଗୃହୀତ ହେବ ।

## ଗ୍ରାମସଭାର କାର୍ଯ୍ୟ


**କ. ଜଙ୍ଗଲ ଅଧିକାରଧାରୀଙ୍କ ଅଧିକାରକୁ ନିଶ୍ଚିତ କରିବା ନିମନ୍ତେ**

- ଗ୍ରାମ ସଭାର ସଭ୍ୟ/ସଭ୍ୟାମାନଙ୍କ ମଧ୍ୟରୁ ଅତି କମ୍‌ରେ ୧୦ ଜଣ ଏବଂ ଅତି ବେଶୀରେ ୧୫ ଜଣଙ୍କୁ ନିର୍ବାଚିତ କରି "ଜଙ୍ଗଲ ଅଧିକାର କମିଟି" ଗଠନ କରିବ;
- ଜଙ୍ଗଲ ଅଧିକାରର ଗୁରୁତ୍ୱ ଓ ପ୍ରକାରଭେଦ ନିର୍ଦ୍ଧାରଣ ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିବ ଏବଂ ସେହି ସମ୍ପର୍କିତ ଦାବିଗୁଡିକ ଗ୍ରହଣ କରିବ ଓ ଶୁଣିବ;
- ଗୋଷ୍ଠୀଜଙ୍ଗଲ ସମ୍ବଳର ଆକଳନ ପ୍ରଣାଳୀ ଆରମ୍ଭ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରିବା । ଯଦି ଏହା ଅନ୍ୟଗ୍ରାମ ସୀମାକୁ ଅତିକ୍ରମ କରୁଥାଏ ତେବେ ସେ ସମ୍ପର୍କରେ ଉପଖଣ୍ଡସ୍ତରୀୟ କମିଟି ଏବଂ ନିକଟସ୍ଥ ଗ୍ରାମସଭାଗୁଡିକୁ ଜଣାଇବ;
- ଜଙ୍ଗଲ ଅଧିକାର ଦାବିଗୁଡ଼ିକର ତାଲିକା ପ୍ରସ୍ତୁତ କରିବ ଏବଂ କେନ୍ଦ୍ର ସରକାରଙ୍କ ଆଦେଶ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଦାବି ଏବଂ ଦାବିଦାରମାନଙ୍କର ବିବରଣୀର ଏକ ରେଜିଷ୍ଟର ଚାଲୁ କରାଯିବ;
- ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କୁ ଯଥୋଚିତ ସୁବିଧା ସୁଯୋଗ ପ୍ରଦାନ କରିବା ସହିତ ଜଙ୍ଗଲ ଅଧିକାରଗୁଡ଼ିକ ଉପରେ ଥିବା ଦାବି ସମ୍ପର୍କରେ ଏକ ପ୍ରସ୍ତାବ ପ୍ରଣିତ କରିବ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟିକୁ ପଠାଇବ;

**ଖ. ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପରିଚାଳନା ନିମନ୍ତେ**

- ଏହି ଆଇନ୍‌ର ଧାରା ୫ ଅନୁସାରେ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ନିଜସ୍ୱ ସଭ୍ୟସଭ୍ୟାଙ୍କୁ ନେଇ କମିଟି ଗଠନ କରିପାରିବ;
- ଖଣ୍ଡ ଙ ଅଧିନରେ ଗଠିତ କମିଟି ଯେଉଁମାନେ ବନନିବାସୀ, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ସୁବିଧା ପାଇଁ ଏଭଳି ଗୋଷ୍ଠୀ ଜଙ୍ଗଲ ସମ୍ବଳର ଦୀର୍ଘସ୍ଥାୟୀ ତଥା ସମତା ରକ୍ଷାପୂର୍ବକ ପରିଚାଳନା ବ୍ୟବସ୍ଥା କରିବା ନିମନ୍ତେ ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରି ଏହାର ତଦାରଖ / ନିରୀକ୍ଷଣ ଓ ନିୟନ୍ତ୍ରଣ କରିବ ଓ ଏହି ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ବନବିଭାଗର ଅଣୁଯୋଜନା ବା କାର୍ଯ୍ୟ ଯୋଜନା ସହିତ, କମିଟି ଦ୍ୱାରା ଆବଶ୍ୟକ ମନେ କରାଯାଉଥିବା ପରିବର୍ତ୍ତନ ସହିତ ଏକିକୃତ କରାଯିବ;
- ପରିବହନ ପର୍ମିଟ୍, ଲଘୁବନଜାତ ଦ୍ରବ୍ୟର ଆୟ ବା ପରିଚାଳନା ଯୋଜନା ସମ୍ବନ୍ଧିତ କୌଣସି ପରିବର୍ତ୍ତନର ନିଷ୍ପତ୍ତି କମିଟିର ସଭ୍ୟମାନଙ୍କ ଦ୍ୱାରା ଅନୁମୋଦିତ ହେବ ।

# ଜଙ୍ଗଲ ଅଧିକାର କମିଟି



**୧୦ ରୁ ୧୫ ଜଣିଆ କମିଟି**
**(ଏକ ତୃତୀୟାଂଶ ମହିଳା ଓ ଦୁଇ ତୃତୀୟାଂଶ ଆଦିବାସୀ**

## ଜଙ୍ଗଲ ଅଧିକାର କମିଟି (୧୦ ରୁ ୧୫ ଜଣିଆ କମିଟି)

- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ଅନ୍ତର୍ଗତ ଧାରା ୩ (୧) ଅନୁସାରେ ଅନୁଷ୍ଠିତ ହୋଇଥିବା ଗ୍ରାମସଭା ବୈଠକରେ ଉପସ୍ଥିତ ଥିବା ସମସ୍ତ ସାବାଳକ ଓ ସାବାଳିକା (୧୮ ବର୍ଷରୁ ଉର୍ଦ୍ଧ୍ୱ)ମାନଙ୍କ ଦ୍ୱାରା ନିର୍ବାଚିତ ଅବା ମନୋନୀତ ଅବା ଚୟନ ହୋଇଥିବା କମିଟିକୁ 'ଜଙ୍ଗଲ ଅଧିକାର କମିଟି' କୁହାଯାଏ ।
- ଏହି କମିଟିରେ ୧୦ରୁ ୧୫ଜଣ ସଦସ୍ୟା/ ସଦସ୍ୟ ରହିବେ ଏବଂ ଏହାର ତିନି ଭାଗରୁ ଦୁଇ ଭାଗ ସଭ୍ୟ ଆଦିବାସୀ ତଥା ତିନିଭାଗରୁ ଏକ ଭାଗ ମହିଳା ସଭ୍ୟା ହେବା ଆବଶ୍ୟକ ।
- ଜଙ୍ଗଲ ଅଧିକାର କମିଟିର ଜଣେ ଅଧ୍ୟକ୍ଷ ଓ ସମ୍ପାଦକ ଭାବରେ ମନୋନୀତ ହେବେ ଏବଂ ଏହା ଉପଖଣ୍ଡ ସ୍ତରୀୟ କମିଟିକୁ ସୂଚୀତ କରାଯିବ ।

## ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ

## ଜଙ୍ଗଲ ଅଧିକାର କମିଟି ଗ୍ରାମସଭାର କାର୍ଯ୍ୟରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବ

- ଉପଖଣ୍ଡସ୍ତରୀୟ କମିଟି ଠାରୁ ଆବଶ୍ୟକୀୟ ସଂଖ୍ୟକ ଦାବିପତ୍ର ସଂଗ୍ରହ କରି ଦାବିଦାର୍‌ମାନଙ୍କୁ ବିନା ଦେୟରେ ଯୋଗାଇଦେବା,
- ଦାବିଦାର୍‌ଙ୍କ ଠାରୁ ଦାବିପତ୍ର ସଂଗ୍ରହ ଓ ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରିବା,
- ସମସ୍ତ ଦାବିପତ୍ରକୁ ସମ୍ମିଳିତ କରି ଏକ ବିବରଣୀ ପ୍ରସ୍ତୁତ କରିବା,
- ଦାବିଦାରଙ୍କ ଦ୍ୱାରା ପ୍ରଦତ୍ତ ସୂଚନାକୁ ଆଧାର କରି ସତ୍ୟାସତ୍ୟ ନିରୂପଣ କରିବା ନିମନ୍ତେ କ୍ଷେତ୍ରସ୍ଥଳ ପରିଦର୍ଶନ କରିବା,
- କ୍ଷେତ୍ରସ୍ତରୀୟ ଯାଞ୍ଚ କରିବା ପୂର୍ବରୁ ଦାବିଦାର ଓ ସଂପୃକ୍ତ ବିଭାଗଙ୍କୁ ସୂଚିତ କରିବା,
- ସମସ୍ତ ଦାବିଦାର୍‌ଙ୍କ ଯାଞ୍ଚ କାର୍ଯ୍ୟ ଶେଷ ହେବା ପରେ ଏକ ବିବରଣୀ ପ୍ରସ୍ତୁତ କରି ଗ୍ରାମସଭାରେ ଉପସ୍ଥାପନ କରିବା,
- ଗ୍ରାମସଭା ଦ୍ୱାରା ଏହା ଗୃହୀତ ହେବା ପରେ ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବା,
- ଉପରୋକ୍ତ ସମସ୍ତ କାର୍ଯ୍ୟପାଇଁ ଆବଶ୍ୟକୀୟ ନଥିପତ୍ର ବ୍ୟବସ୍ଥିତ କରିବା,
- ଆବଶ୍ୟକସ୍ଥଳେ ଦାବି ସମ୍ବନ୍ଧୀୟ ବିବାଦର ସମାଧାନ କରିବା ପାଇଁ ପଦକ୍ଷେପ ନେବା,
- ଆଇନ୍ ସଂପର୍କରେ ନିଜେ ଅବଗତ ହେବା ପାଇଁ ଅବା ଗ୍ରାମବାସୀଙ୍କୁ ଅବଗତ କରାଇବା ପାଇଁ ସରକାରୀ କର୍ମଚାରୀଙ୍କ ସାହାଯ୍ୟ ନେବା,
- ସରକାରୀ କର୍ମଚାରୀଙ୍କ ଠାରୁ ଆବଶ୍ୟକୀୟ ପ୍ରାମାଣିକ ନଥିପତ୍ର, ମାନଚିତ୍ର ଅବା ନକ୍ସା ସଂଗ୍ରହ କରିବା,
- ଦାବିଦାର୍‌ଙ୍କୁ ଦାବିପତ୍ର ପୂରଣ କରିବା ଦିଗରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା,
- ସୁସ୍ପଷ୍ଟ ଭୂମିଚିହ୍ନ ସହିତ ପାରମ୍ପରିକ ସୀମାରେ ଗୋଷ୍ଠି ଜଙ୍ଗଲ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରିବା ।
- ଯଦି ଅନ୍ୟ ଗ୍ରାମର ପାରମ୍ପରିକ କିମ୍ବା ପ୍ରଚଳିତ ସୀମାକୁ ନେଇ ବିବାଦୀୟ ଦାବି ଦେଖାଦିଏ କିମ୍ବା ଯଦି ଗୋଟିଏ ବନାଂଚଳ ଏକାଧିକ ଗ୍ରାମ ଦ୍ୱାରା ବ୍ୟବହୃତ ହେଉଥାଏ, ତେବେ ଉକ୍ତ ଗ୍ରାମସଭାଗୁଡ଼ିକର ଜଙ୍ଗଲ ଅଧିକାର କମିଟି ଗୁଡ଼ିକ ଦ୍ୱାରା ଯୁଗ୍ମ ବୈଠକ ମାଧ୍ୟମରେ ଆସିଥିବା ଦାବିଗୁଡ଼ିକର ଉପଯୋଗର ସ୍ୱରୂପ ସମ୍ବନ୍ଧରେ ବିଚାର କରିବେ ଏବଂ ସେମାନଙ୍କର ମତାମତକୁ ଲିଖିତ ଭାବେ ଉକ୍ତ ଗ୍ରାମସଭାମାନଙ୍କୁ ପ୍ରଦାନ କରିବା ।

# ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟି




## ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିର ଗଠନ

ଆଇନ୍‌ର ପ୍ରାବଧାନ ଅନୁସାରେ ରାଜ୍ୟ ସରକାର ଉପଖଣ୍ଡସ୍ତରୀୟ କମିଟି ଗଠନ କରାଯିବ। ସଂପୃକ୍ତ ଉପଖଣ୍ଡର ଅଧିକାରୀ (ଉପ-ଜିଲ୍ଲାପାଳ) ଉକ୍ତ କମିଟିର ଅଧକ୍ଷ ରହିବେ । ଉକ୍ତ କମିଟିରେ ବନବିଭାଗ, ଆଦିବାସୀ ଉନ୍ନୟନ ବିଭାଗ ତଥା ଜିଲ୍ଲା ପରିଷଦଦ୍ୱାରା ମନୋନୀତ ବ୍ଲକ କିମ୍ବା ତହସିଲ ସ୍ତରୀୟ ତିନିଜଣ ପଞ୍ଚାୟତର ପ୍ରତିନିଧି ସଦସ୍ୟ ଭାବେ ରହିବେ । ମନୋନୀତ ସଦସ୍ୟମାନଙ୍କ ମଧ୍ୟରୁ ଅନ୍ତତଃ ଜଣେ ମହିଳା ସଦସ୍ୟା ହୋଇଥିବା ଆବଶ୍ୟକ ।


## ଉପଖଣ୍ଡସ୍ତରୀୟ ଜଙ୍ଗଲ କମିଟିର କାର୍ଯ୍ୟ

- ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ସ୍ଥାପିତ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ପ୍ରକ୍ରିୟା ସମ୍ବନ୍ଧରେ ଜଙ୍ଗଲ ଅଧିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା,
- ଗ୍ରାମସଭା ଯେପରି ଆବଶ୍ୟକୀୟ କୋରମ୍ ସହିତ ମୁକ୍ତ, ଅବାଧ ଓ ଉପଯୁକ୍ତ ଢଙ୍ଗରେ ହୋଇପାରିବ, ତାହାକୁ ସୁନିଶ୍ଚିତତା କରିବା,
- ମାଗଣାରେ ଗ୍ରାମସଭାକୁ ଯଥେଷ୍ଟ ସଂଖ୍ୟକ ଦାବି ଫର୍ମ ଯୋଗାଇଦେବା,
- ଗ୍ରାମସଭା/ଜଙ୍ଗଲ ଅଧିକାର କମିଟିକୁ ଆବଶ୍ୟକୀୟ ତଥ୍ୟ ଓ ସହାୟତା ଯୋଗାଇବା (ଭୋଟର ତାଲିକା, ଜଙ୍ଗଲ ଓ ରାଜସ୍ୱ ମାନଚିତ୍ର, ପ୍ରମାଣିକ ତଥ୍ୟ ଇତ୍ୟାଦି),
- ସମ୍ପୃକ୍ତ ଗ୍ରାମସଭାଗୁଡ଼ିକର ସଂକଳ୍ପନାମାଗୁଡ଼ିକୁ ସଂଗ୍ରହ କରିବା,
- ଗ୍ରାମସଭା ଦ୍ୱାରା ପଠାଯାଇଥିବା ଦାବିପତ୍ରଗୁଡିକୁ ଗ୍ରହଣ କରିବା - ପରୀକ୍ଷଣ କରିବା – ବିବରଣୀ ପ୍ରସ୍ତୁତ କରିବା,
- ଉପଖଣ୍ଡସ୍ତରରେ ଦାବି ସମ୍ପର୍କିତ ନିଆଯାଇଥିବା ନିଷ୍ପତ୍ତି ସଂପର୍କରେ ଗ୍ରାମସଭା ଓ ଦାବିଦାରଙ୍କୁ ଲିଖିତଭାବେ ଜଣାଇବା,
- ଜଙ୍ଗଲ ଅଧିକାରର ବ୍ୟାପକତା ଓ ପ୍ରକାରଭେଦ ସମ୍ବନ୍ଧରେ ଗ୍ରାମସଭା ଗୁଡ଼ିକ ମଧ୍ୟରେ ଥିବା ବିବାଦର ବିଚାର ଓ ଶୁଣାଣି କରିବା,

- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବ ବିବିଧତାର ସଂରକ୍ଷଣ ସହିତ ଜଡ଼ିତ ସୂଚନା ପ୍ରତ୍ୟେକ ଗ୍ରାମସଭା ଓ ଜଙ୍ଗଲ ଅଧିକାରୀଙ୍କୁ ଯୋଗାଇବା,
- ଗ୍ରାମସଭା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିରେ କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷମାନଙ୍କର ଲିଖିତ ଆବେଦନ ଗୁଡ଼ିକ ଶୁଣିବା,
- ଆନ୍ତଃଉପଖଣ୍ଡୀୟ ଦାବିଗୁଡ଼ିକ ପାଇଁ ଅନ୍ୟ ଉପଖଣ୍ଡସ୍ତରୀୟ କମିଟି ଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବା,
- ସରକାରୀ ନଥିପତ୍ରଗୁଡ଼ିକର ସାମଞ୍ଜସ୍ୟ ଭିତ୍ତିରେ ପ୍ରସ୍ତାବିତ ଜଙ୍ଗଲ ଅଧିକାରଗୁଡ଼ିକର ବ୍ଲକ୍ ଓ ତହସିଲ୍ ଅନୁଯାୟୀ ନଥି ପ୍ରସ୍ତୁତ କରିବା,
- ଜିଲ୍ଲାସ୍ତରୀୟ କମିଟି ନିକଟକୁ ସର୍ବଶେଷ ନିଷ୍ପତ୍ତି ନିମନ୍ତେ ପ୍ରସ୍ତୁତ ପ୍ରସ୍ତାବିତ ଜଙ୍ଗଲ ଅଧିକାରଗୁଡ଼ିକର ଚିଠାନଥି ପଠାଇବା,
- ଉପଖଣ୍ଡସ୍ତରୀୟ କମିଟି ଗ୍ରାମସଭାର ସଙ୍କଳ୍ପନାମା ତଥା ସୁପାରିଶକୁ ଅସମ୍ପୂର୍ଣ୍ଣ ଅଥବା ଅଧିକ ପରୀକ୍ଷଣ ଆବଶ୍ୟକ ମନେକରିବା ସ୍ଥଳେ ଦାବି ପତ୍ରକୁ ପରିବର୍ତ୍ତନ ଅଥବା ନାକଚ କରିବା ବଦଳରେ ପୁନଃବିଚାର ନିମନ୍ତେ ଗ୍ରାମସଭାକୁ ପ୍ରେରଣ କରିବା,
- ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରିବା ଓ ତାହାର ସମାଧାନ କରିବା ପାଇଁ ପଦକ୍ଷେପ ନେବା,
- ଜଙ୍ଗଲ ସୁରକ୍ଷା, ଜୈବବିବିଧତା ତଥା ବନ୍ୟଜନ୍ତୁର ସୁରକ୍ଷା ନିମନ୍ତେ ଗ୍ରାମସଭାକୁ ସହଯୋଗ କରିବା

# ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି

## ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟିର ଗଠନ





ଆଇନ୍‌ର ପ୍ରାବଧାନ ଅନୁସାରେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏହାର ଅଧ୍ୟକ୍ଷ ରହିବେ। ଜିଲ୍ଲାସ୍ତରୀୟ ବନବିଭାଗ, ଆଦିବାସୀ ଉନ୍ନୟନ ବିଭାଗ ତଥା ଜିଲ୍ଲା ପରିଷଦ ଦ୍ୱାରା ମନୋନୀତ ତିନିଜଣ ଜିଲ୍ଲା ପରିଷଦର ପ୍ରତିନିଧି ଉକ୍ତ କମିଟିରେ ସଦସ୍ୟ ଅଛନ୍ତି । ମନୋନୀତ ସଦସ୍ୟମାନଙ୍କ ମଧ୍ୟରୁ ଅନ୍ତତଃ ଜଣେ ମହିଳା ସଦସ୍ୟା ରହିବା ଅନିବାର୍ଯ୍ୟ ଅଟେ।

## ଜିଲ୍ଲାସ୍ତରୀୟ ଜଙ୍ଗଲ କମିଟିର କାର୍ଯ୍ୟ

- ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିଙ୍କୁ ଆବଶ୍ୟକୀୟ ସମସ୍ତ ତଥ୍ୟ ଅବା ସୂଚନା ଯେଭଳି ମିଳିପାରିବ ତାହାକୁ ସୁନିଶ୍ଚିତ କରିବା;
- ଆଦିମ ଜନଜାତି (PVTGs), ଋତୁକାଳୀନ ଯାଯାବର ପଶୁପାଳକଗୋଷ୍ଠୀ ତଥା ଯାଯାବର ଶ୍ରେଣୀୟ ଜନଜାତିମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା;
- ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ଅଧିକାର ସମ୍ପର୍କିତ ନଥିଗୁଡ଼ିକର ବିଚାର ଓ ଅନୁମୋଦନ କରିବା;
- ଉପଖଣ୍ଡସ୍ତରୀୟ କମିଟିର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇଥିବା ବ୍ୟକ୍ତି ବା ଗୋଷ୍ଠୀର ଅଭିଯୋଗର ଶୁଣାଣୀ କରିବା;

- ଆନ୍ତଃ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବା ;
- ସରକାରୀ ନଥିପତ୍ରଗୁଡ଼ିକରେ ଜଙ୍ଗଲ ଅଧିକାରଗୁଡ଼ିକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ;
- ଜଙ୍ଗଲ ଅଧିକାର ନଥିଗୁଡ଼ିକର ପ୍ରକାଶନକୁ ନିଶ୍ଚିତ କରିବା ଓ ଦାବିଦାର ଅବା ଗ୍ରାମସଭାକୁ ସ୍ୱୀକୃତିପତ୍ର ଯୋଗାଇଦେବା ;
- ଆଇନ୍ ଅଧିନରେ ଅଧିକାରପତ୍ର ଏବଂ ଜଙ୍ଗଲ ଅଧିକାରଗୁଡ଼ିକର ନଥିପତ୍ରର ଏକ ପ୍ରମାଣଯୋଗ୍ୟ ନକଲ ଯଥାକ୍ରମେ ସମ୍ପୃକ୍ତ ଦାବିଦାର ଓ ଗ୍ରାମସଭାକୁ ପ୍ରଦାନ କରାଯିବା ସମ୍ବନ୍ଧରେ ନିଶ୍ଚିତ କରିବା ;
- ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପୁନଃଜନନ, ସଂରକ୍ଷଣ ତଥା ପରିଚାଳନାର ଅଧିକାରର ଅଧିକାର ପତ୍ର ଏବଂ ପ୍ରମାଣଯୋଗ୍ୟ ନକଲକୁ ସୁନିଶ୍ଚିତ କରିବା;
- ଯେଉଁ ଗ୍ରାମରେ ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତି ଦିଆଯାଉନାହିଁ ତା'ର କାରଣ ଜିଲ୍ଲାସ୍ତରୀୟ କମିଟିର ସଚିବଙ୍କ ଦ୍ୱାରା ରେକର୍ଡ଼ ହୋଇ ରହିବ ;

# ରାଜ୍ୟସ୍ତରୀୟ ତଦାରଖ କମିଟି




## ରାଜ୍ୟସ୍ତରୀୟ ତଦାରଖ କମିଟିର ଗଠନ

ଆଇନ୍‌ର ପ୍ରାବଧାନ ଅନୁସାରେ ରାଜ୍ୟସ୍ତରୀୟ କମିଟି ଗଠନ କରାଯିବ । ରାଜ୍ୟର ମୁଖ୍ୟ ଶାସନ ସଚିବ ଉକ୍ତ କମିଟିର ଅଧ୍ୟକ୍ଷ ରହିବେ । ଏହି କମିଟିରେ ଅନୁସୂଚିତ ଜନଜାତି, ଜଙ୍ଗଲ, ପଞ୍ଚାୟତିରାଜ ଓ ରାଜସ୍ୱ ବିଭାଗର ସଚିବ ରହିବେ । ଏତଦ୍‌ବ୍ୟତିତ ଜନଜାତି ଉପଦେଷ୍ଟା ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଜନଜାତି ଉପଦେଷ୍ଟା ପରିଷଦର ୩ଜଣ ଆଦିବାସୀ ଉକ୍ତ କମିଟିରେ ସଦସ୍ୟ ରହିବେ । ଆଦିବାସୀ କଲ୍ୟାଣ ଆୟୁକ୍ତ କିମ୍ବା ଉକ୍ତ ପାହ୍ୟାର ଅଧିକାରୀ ସଦସ୍ୟ ଭାବରେ ଏହି କମିଟିରେ ସମ୍ପାଦକ ରୂପେ କାର୍ଯ୍ୟ କରିବେ ।

## ରାଜ୍ୟସ୍ତରୀୟ ତଦାରଖ କମିଟିର ପ୍ରମୁଖ କାର୍ଯ୍ୟ

- ଜଙ୍ଗଲ ଅଧିକାର ଦାବି ଗୁଡ଼ିକର ସ୍ୱୀକୃତି ଓ ପ୍ରତ୍ୟାର୍ପଣ ପ୍ରକ୍ରିୟାକୁ କ୍ରିୟାଶୀଳ ତଥା ତଦାରଖ କରିବା ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିବା;
- ଜଙ୍ଗଲ ଅଧିକାର ଦାବି ଗୁଡ଼ିକର ସ୍ୱୀକୃତି, ସତ୍ୟାସତ୍ୟ ନିରୂପଣ ଏବଂ ପ୍ରତ୍ୟାର୍ପଣ ପ୍ରକ୍ରିୟାର ତଦାରଖ କରିବା;
- ନୋଡ଼ାଲ୍ ଏଜେନ୍ସି (ଆଦିବାସୀ ମନ୍ତ୍ରଣାଳୟ) ନିକଟରେ ଦାବି ସମ୍ବନ୍ଧୀୟ ତ୍ରୟମାସିକ ବିବରଣୀ ଦାଖଲ କରିବା:
- ଆଇନ୍ ଉଲ୍ଲଙ୍ଘନ କରୁଥିବା ଅଧିକାରୀ ତଥା କମିଟିର ସଦସ୍ୟମାନଙ୍କ ବିରୁଦ୍ଧରେ ଆଇନ୍‌ର ଧାରା ୮ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା;
- ଆଇନ୍‌ର ଧାରା ୪ର ଉପଧାରା ୨ ଅଧିନରେ ପୁନଃ ଥଇଥାନର ତଦାରଖ କରିବା ;
- ବିସ୍ଥାପିତ ଅଧିବାସୀଙ୍କର ଜମିର ଅଧିକାର ଏବଂ ତତ୍ ସମ୍ପର୍କିତ ସମସ୍ତ ବିଷୟକୁ ଆଇନ୍‌ର ଧାରା ୩(୧)(ଓ) ଏବଂ ଧାରା ୪(୮) ଅନୁଯାୟୀ ସ୍ୱତନ୍ତ୍ର ଭାବରେ ତଦାରଖ / ନିରୀକ୍ଷଣ କରିବା ।

# ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ବ୍ୟକ୍ତିଗତ ଅଧିକାର ଦାବି ଏବଂ ସାବ୍ୟସ୍ତ ପ୍ରକ୍ରିୟା




୧. ଗ୍ରାମସଭା ଦ୍ୱାରା ଦାବି ଆହ୍ୱାନ ହେବା ପରେ ଦାବିଦାର୍‌ମାନେ ବ୍ୟକ୍ତିଗତ ଅବା ପାରିବାରିକ ଦାବି ନିମନ୍ତେ 'ଫର୍ମ-କ' ପୂରଣ କରି ଜଙ୍ଗଲ ଅଧିକାର କମିଟି ନିକଟରେ ଦାଖଲ କରିବେ।

୨. ଜଙ୍ଗଲ ଅଧିକାର କମିଟି ଉକ୍ତ ଦାବିପତ୍ର ଗ୍ରହଣ କରିବା ପରେ ଦାବିଦାରଙ୍କୁ 'ପ୍ରାପ୍ତି ସ୍ୱୀକାର ରସିଦ୍' ପ୍ରଦାନ କରିବେ।

୩. ଗ୍ରାମସଭା ଦ୍ୱାରା ସମସ୍ତ ଦାବିପତ୍ର ଗ୍ରହଣ କରିବା ପରେ 'ଦାବିଦାରଙ୍କ ନଥି' ପ୍ରସ୍ତୁତ କରିବେ।

୪. ଗ୍ରାମସଭା 'କ୍ଷେତ୍ରସ୍ତରୀୟ ଯାଞ୍ଚ' ନିମନ୍ତେ ତାରିଖ ନିର୍ଦ୍ଧାରଣ କରି ସଂପୃକ୍ତ ଦାବିଦାର, ବନବିଭାଗ ଓ ରାଜସ୍ୱ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ସୂଚନା ପ୍ରଦାନ କରିବେ।

୫. କ୍ଷେତ୍ରୀୟସ୍ତର ଯାଞ୍ଚ କାର୍ଯ୍ୟ ସମାପନ ହେବା ପରେ ଏକ 'ଯାଞ୍ଚ ବିବରଣୀ' ପ୍ରସ୍ତୁତ କରି ଜଙ୍ଗଲ ଅଧିକାର କମିଟି ଗ୍ରାମସଭାରେ ଉପସ୍ଥାପନ କରିବେ।


୬. ଜଙ୍ଗଲ ଅଧିକାର କମିଟିର ସୁପାରିଶକୁ 'ଗ୍ରାମସଭାରେ ବିଚାରବିମର୍ଷ' କରାଯାଇ ଦାବିଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ 'ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ' କରାଯିବ।

୭. ଉପଖଣ୍ଡସ୍ତରୀୟ କମିଟି ଗ୍ରାମସଭାରେ ହୋଇଥିବା ନିଷ୍ପତ୍ତିଗୁଡ଼ିକୁ ଯାଞ୍ଚକରି ଅଭିଲେଖ ପ୍ରସ୍ତୁତ କରିବ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟିକୁ ପ୍ରେରଣ କରିବ।

୮. ଜିଲ୍ଲାସ୍ତରୀୟ କମିଟି ଉପଖଣ୍ଡସ୍ତରୀୟ କମିଟିରୁ ବିବରଣୀ ପାଇବା ପରେ ପ୍ରଦତ୍ତ ତଥ୍ୟକୁ ଯାଞ୍ଚ କରିବେ ଓ ଅଧିକାର ସମ୍ବନ୍ଧୀୟ ସର୍ବଶେଷ ନିଷ୍ପତ୍ତି ଗ୍ରହଣ କରିବେ।

୯. ସରକାରୀ ନଥିପତ୍ରରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ଅଧିକାର ସ୍ୱୀକୃତି ପତ୍ର ପ୍ରଦାନ କରାଯିବ।

## ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଗୋଷ୍ଠିଗତ / ଗୋଷ୍ଠୀଜଙ୍ଗଲ ସମ୍ବଳ ଅଧିକାର ଦାବି ଏବଂ ସାବ୍ୟସ୍ତ ପ୍ରକ୍ରିୟା



- ଗୋଷ୍ଠିଗତ ଦାବି ଏବଂ ଗୋଷ୍ଠୀଜଙ୍ଗଲ ସମ୍ବଳ ସଂମ୍ପର୍କରେ ଗ୍ରାମସଭାରେ ଆଲୋଚନା କରାଯାଇ ଦାବିପତ୍ରକୁ ଜଙ୍ଗଲ ଅଧିକାର କମିଟି ପୂରଣ କରିବ।
- ସାମୂହିକ ଦାବି ଏବଂ ଗୋଷ୍ଠୀଜଙ୍ଗଲ ସମ୍ବଳ ନିର୍ଣ୍ଣୟ କରିବା ନିମନ୍ତେ ଗ୍ରାମସଭା ତାରିଖ ଧାର୍ଯ୍ୟ କରିବ ଓ ସମସ୍ତ ସାବାଳକ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ସୂଚନା ପ୍ରଦାନ କରିବ।
- ଧାର୍ଯ୍ୟ ତାରିଖ ଦିନ ଜଙ୍ଗଲ ଅଧିକାର କମିଟି, ଗ୍ରାମସଭାର ସଦସ୍ୟ ଓ ବୟସ୍କ ବ୍ୟକ୍ତି ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଗୋଷ୍ଠୀଗତ ଅଧିକାର ଏବଂ ଗୋଷ୍ଠୀସମ୍ବଳର ପାରମ୍ପରିକ ସୀମା ଓ ସ୍ୱରୂପ ନିର୍ଦ୍ଧାରଣ କରାଯିବ।
    - ଯଦି ସାମୂହିକ ଦାବି ହେଉଥିବା ଅଞ୍ଚଳକୁ ଏକାଧିକ ଗ୍ରାମର ଗୋଷ୍ଠୀମାନେ ବ୍ୟବହାର କରୁଥାଆନ୍ତି, ତେବେ ସୀମା ନିର୍ଦ୍ଧାରଣ କରାଯିବା ପୂର୍ବରୁ ନିର୍ଭରଶୀଳ ଗ୍ରାମ ଅବା ଗ୍ରାମସମୂହ ଓ ଉପଖଣ୍ଡସ୍ତରୀୟ କମିଟିକୁ ସାମୂହିକ ଦାବି ନିର୍ଣ୍ଣୟ କରିବା ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖ, ସମୟ ଓ ସ୍ଥାନ ସଂପର୍କରେ ସୂଚିତ କରାଯିବ। ଏବଂ ଧାର୍ଯ୍ୟ ତାରିଖରେ ଜଙ୍ଗଲ ଅଧିକାର କମିଟିଗୁଡ଼ିକଦ୍ୱାରା ଯୁଗ୍ମ ବୈଠକ ମାଧ୍ୟମରେ ଦାବିଗୁଡ଼ିକର ଉପଯୋଗର ସ୍ୱରୂପ ସମ୍ବନ୍ଧରେ ବିଚାର କରିବେ । ଉକ୍ତ ବୈଠକରେ ହୋଇଥିବା ନିଷ୍ପତ୍ତି ଅବା ସହମତି ପତ୍ରର ଏକକିତା ନକଲ ସଂପୃକ୍ତ ଗ୍ରାମମାନଙ୍କୁ ପ୍ରଦାନ କରାଯିବ।
    - ଫର୍ମ – 'ଖ' ଓ 'ଗ' ରେ ନିର୍ଦ୍ଧାରିତ ଦାବିଗୁଡ଼ିକୁ ପୂରଣ କରାଯାଇ ଗ୍ରାମସଭାର ନିଷ୍ପତ୍ତି ନିମନ୍ତେ ଉପସ୍ଥାପନ କରାଯିବ । ଯଦି ଗ୍ରାମସଭାଗୁଡ଼ିକ ବିବାଦୀୟ ଦାବିଗୁଡ଼ିକର ସମାଧାନ କରିବାକୁ ଅସମର୍ଥ ହୁଅନ୍ତି, ତେବେ ଏହାର ସମାଧାନ ନିମନ୍ତେ ଗ୍ରାମସଭା ସେଗୁଡ଼ିକୁ ଉପଖଣ୍ଡସ୍ତରୀୟ କମିଟିକୁ ପଠାଇଦେବେ।
- ଉପଖଣ୍ଡସ୍ତରୀୟ କମିଟି ଗ୍ରାମସଭାରେ ହୋଇଥିବା ନିଷ୍ପତ୍ତିଗୁଡ଼ିକୁ ଯାଞ୍ଚକରି ଅଭିଲେଖ ପ୍ରସ୍ତୁତ କରିବ ଏବଂ ଚୁଡ଼ାନ୍ତ ନିଷ୍ପତ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟିକୁ ପ୍ରେରଣ କରିବ।
- ଜିଲ୍ଲାସ୍ତରୀୟ କମିଟି ଉପଖଣ୍ଡସ୍ତରୀୟ କମିଟିରୁ ବିବରଣୀ ପାଇବା ପରେ ପ୍ରଦତ୍ତ ତଥ୍ୟକୁ ଯାଞ୍ଚ କରିବେ ଓ ଅଧିକାର ସମ୍ବନ୍ଧୀୟ ସର୍ବଶେଷ ନିଷ୍ପତ୍ତି ଗ୍ରହଣ କରିବେ।
- ସରକାରୀ ନଥିପତ୍ରରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ଅଧିକାର ସ୍ୱୀକୃତି ପତ୍ର ପ୍ରଦାନ କରାଯିବ।

# ଜଙ୍ଗଲ ଅଧିକାର ପାଇଁ ପ୍ରମାଣପତ୍ର

## ବ୍ୟକ୍ତିଗତ ଅଧିକାର

☛ ସାର୍ବଜନୀନ ନଥି, ରାଜପତ୍ର, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ରିପୋର୍ଟ, ମାନଚିତ୍ର, ଉପଗ୍ରହ ଚିତ୍ର, କାର୍ଯ୍ୟକାରୀ ଯୋଜନା, ପରିଚାଳନା ଯୋଜନା, ଅଣୁଯୋଜନା, ଜଙ୍ଗଲ ଅନୁସନ୍ଧାନ ବିବରଣୀ, ଅନ୍ୟ ବନ ଅଭିଲେଖ, ପଟ୍ଟା ବା ଲିଜ୍ ଯେ କୌଣସି ନାମରେ ଅଧିକାରର ଅଭିଲେଖ, ସରକାରଙ୍କ ଦ୍ୱାରା ଗଠିତ କମିଟି ବା କମିଶନଗୁଡ଼ିକର ବିବରଣୀ, ସରକାରୀ ଆଦେଶ, ଅଧିସୂଚନା ଆଦେଶନାମା ସଙ୍କଳ୍ପନାମା ଭଳି ସରକାରୀ ଦଲିଲ / ଅଭିଲେଖ:

☛ ଭୋଟ ପରିଚୟ ପତ୍ର, ରାସନ କାର୍ଡ଼, ପାସପୋର୍ଟ, ଋଣ ବୀମା ଏବଂ ଋଣ ତଥା ବାସଗୃହର ରସିଦ୍, ମୂଳ ନିବାସ ପ୍ରମାଣପତ୍ର ଭଳି ସରକାରୀ ସ୍ୱୀକୃତିପ୍ରାପ୍ତ ନଥିପତ୍ର;

- ଘର କୁଡ଼ିଆଘର ବା ଜମିର ସ୍ଥାୟୀ ଉନ୍ନତି ପାଇଁ କରାଯାଇଥିବା ବାସ୍ତବିକ କାର୍ଯ୍ୟ ଯଥା: ସମତଳ କରିବା, ବନ୍ଧ ବାନ୍ଧିବା, ଚେକ୍ ଡେମ୍ କରିବା ଇତ୍ୟାଦି ;
- ନ୍ୟାୟାଳୟଗୁଡ଼ିକର ଆଦେଶ ଏବଂ ରାୟଭଳି ନ୍ୟାୟିକ ବା ନ୍ୟାୟବତ ଅଭିଲେଖ;
- ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ଭଳି ପ୍ରତିଷ୍ଠିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ଲୋକାଚାର ବା ପରମ୍ପରା ଉପରେ ଗବେଷଣା, ନଥିକରଣ ଯାହା ଜଙ୍ଗଲ ଅଧିକାରର ଉପଭୋଗ ଏବଂ ଲୋକାଚାର ସିଦ୍ଧବଳବତ୍ତର ଥିବା ଦର୍ଶାଉଥିବ;
- ମାନଚିତ୍ର, ଅଧିକାର ନଥି, ବିଶେଷାଧିକାର, ରିହାତି, ସପକ୍ଷ ଆଦେଶ ଭଳି କୌଣସି ଅଭିଲେଖ ଯାହା ଗଡ଼ଜାତ ଅମଳର ବା ପ୍ରାନ୍ତୀୟ ବା ଏଭଳି କୌଣସି ମଧ୍ୟବର୍ତ୍ତି ସମୟର;
- ପାରମ୍ପରିକ ସଂରଚନା ଯାହାର ପୁରାତନତ୍ୱକୁ ସ୍ଥାପିତ କରୁଥିବ, ଯେମିତିକି ପୁରୁଣା ଉନ୍ନୟନ କାର୍ଯ୍ୟ, କୂଅ, ଶ୍ମଶାନ ଓ ପବିତ୍ର ସ୍ଥାନ;
- ମୌଖିକ ବା ଲିଖିତ ବଂଶ ବୃତ୍ତାନ୍ତ, ଯେଉଁଥିରେ ପୂର୍ବ ଭୂମି ଅଭିଲେଖାରେ ଉଲ୍ଲେଖିତ ବ୍ୟକ୍ତିର ବଂଶଧରମାନଙ୍କର ଇତିହାସ ବା ଯାହାକୁ ବହୁ ଦିନରୁ ଗ୍ରାମର ବୈଧ-ନିବାସୀର ମାନ୍ୟତା ଦିଆଯାଇଥିବ;
- ବୟୋଜ୍ୟେଷ୍ଠ ବ୍ୟକ୍ତିର ଲିଖିତ ବୟାନ୍ ।

## ଗୋଷ୍ଠିଗତ ଅଧିକାର

- ସାର୍ବଜନୀନ ନଥି, ରାଜପତ୍ର, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ରିପୋର୍ଟ, ମାନଚିତ୍ର, ଉପଗ୍ରହ ଚିତ୍ର, କାର୍ଯ୍ୟକାରୀ ଯୋଜନା, ପରିଚାଳନା ଯୋଜନା, ଅଣୁଯୋଜନା, ଜଙ୍ଗଲ ଅନୁସନ୍ଧାନ ବିବରଣୀ, ଅନ୍ୟ ବନ ଅଭିଲେଖ, ପଟ୍ଟା ବା ଲିଜ୍ ଯେକୌଣସି ନାମରେ ଅଧିକାରର ଅଭିଲେଖ, ସରକାରଙ୍କ ଦ୍ୱାରା ଗଠିତ କମିଟି ବା କମିଶନଗୁଡ଼ିକର ବିବରଣୀ, ସରକାରୀ ଆଦେଶ, ଅଧିସୂଚନା ଆଦେଶନାମା ସଂକଳନାମା ଭଳି ସରକାରୀ ଦଲିଲ / ଅଭିଲେଖ;
- ନ୍ୟାୟାଳୟଗୁଡ଼ିକର ଆଦେଶ ଏବଂ ରାୟଭଳି ନ୍ୟାୟିକ ବା ନ୍ୟାୟାବତ ଅଭିଲେଖ;
- ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ଭଳି ପ୍ରତିଷ୍ଠିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ଲୋକାଚାର ବା ପରମ୍ପରା ଉପରେ ଗବେଷଣା, ନଥିକରଣ ଯାହା ଜଙ୍ଗଲ ଅଧିକାରର ଉପଭୋଗ ଏବଂ ଲୋକାଚାର ସିଦ୍ଧବଳବତ୍ତର ଥିବା ଦର୍ଶାଉଥିବ;
- ନିସ୍ତାରପତ୍ର;
- ପାରମ୍ପରିକ ଗୋଚର ଜମି, ଜାଳେଣିକାଠ ସଂଗ୍ରହ ଅଞ୍ଚଳ, ପତ୍ରଖତ, ମୂଳ ଓ କନ୍ଦା, ପଶୁଖାଦ୍ୟ, ବନ୍ୟ ତୈଳବୀଜ ଏବଂ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ, ମାଛ ଧରିବା ସ୍ଥାନ ବିଭିନ୍ନ ଜଳସେଚନ ପ୍ରଣାଳୀ, ମାନବ ଏବଂ ପଶୁ ଧନର ବ୍ୟବହାର ପାଇଁ ଜଳଉତ୍ସ, ବୈଦ୍ୟମାନେ ଔଷଧୀୟ ଉଦ୍ଭିଦ ସଂଗ୍ରହ କରୁଥିବା ଅଞ୍ଚଳ;
- ଆଞ୍ଚଳିକ ଗୋଷ୍ଠୀ ଦ୍ୱାରା ନିର୍ମିତ ଢ଼ାଞ୍ଚାଗୁଡ଼ିକର ଅବଶିଷ୍ଟାଂଶ, ପବିତ୍ର ବୃକ୍ଷ ସମୂହ, ତୋଟା ଏବଂ ପୁଷ୍କରିଣୀ କିମ୍ବା ନଦୀ ଅଞ୍ଚଳ, ଶ୍ମଶାନଘାଟ ବା କବରସ୍ଥଳୀ;
- ସରକାରୀ ରେକର୍ଡ଼ ଅଥବା ପୂର୍ବରୁ ଶ୍ରେଣୀଭୁକ୍ତ ବର୍ତ୍ତମାନର ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ କିମ୍ବା ଗୋଚର କିମ୍ବା ଅନ୍ୟ ଗ୍ରାମର ସାମୂହିକ ଜମି, ନିସ୍ତାରି ଜଙ୍ଗଲ;
- ପୂର୍ବବର୍ତ୍ତୀ ଅଥବା ବର୍ତ୍ତମାନର ପାରମ୍ପରିକ କୃଷି ଅଭ୍ୟାସ ।

- ଆଇନ୍‌ରେ ପ୍ରଦତ୍ତ ଅଧିକାରକୁ ପାଇବା ହେଲେ ଦାବିଦାର ଅବା ଗୋଷ୍ଠୀକୁ ଅତିକମ୍‌ରେ ଦୁଇଟି ପ୍ରାମାଣିକ ତଥ୍ୟ/ନଥି ଦାବି ସପକ୍ଷରେ ହେବାକୁ ହେବ।
- ଜଙ୍ଗଲ ଅଧିକାର ନିୟମ, ୨୦୦୭ର ୧୨(୪) ଅଧିନରେ ବିଭାଗୀୟ କର୍ତ୍ତୃପକ୍ଷ, ଗ୍ରାମସଭା/ଜଙ୍ଗଲ ଅଧିକାର କମିଟି ଠାରୁ କୌଣସି, ତଥ୍ୟ ସୂଚନା, ନଥିପତ୍ର ପାଇଁ ଲିଖିତ ଅନୁରୋଧ ପାଇଲେ, ଉକ୍ତ ଗ୍ରାମସଭା/ଜଙ୍ଗଲ ଅଧିକାର କମିଟିକୁ ତହିଁରେ ଏକ ପ୍ରମାଣୀକୃତ ନକଲ ପ୍ରଦାନ କରିବେ।
- କୌଣସି ଦାବିପତ୍ରକୁ ବିଚାରକୁ ନେବା ନିମନ୍ତେ ଉପଖଣ୍ଡ ଅଥବା ଜିଲ୍ଲାସ୍ତରୀୟ କମିଟି କୌଣସି ନିର୍ଦ୍ଦିଷ୍ଟ ପ୍ରକାର ପ୍ରମାଣ ପାଇଁ ବାଧ କରିପାରିବେ ନାହିଁ।
  - ପ୍ରଶାସନିକ କାର୍ଯ୍ୟକଳାପ ମଧ୍ୟରେ ବାହାରିଥିବା ଜୋରିମାନାର ରସିଦ୍, ଜବରଦଖଲ ସୂଚୀ, ମୁଖ୍ୟ ଅପରାଧ ରିପୋର୍ଟ, ଜଙ୍ଗଲ ବନ୍ଦୋବସ୍ତ ରିପୋର୍ଟ, ସେହି ସମ୍ବନ୍ଧୀୟ ବିବରଣୀ, ଇତ୍ୟାଦି ଦାବିପତ୍ର ସହିତ ସଂଲଗ୍ନ କରିନପାରିବା, ଦାବିପତ୍ର ନାକଚ କରିବାର ଏକମାତ୍ର କାରଣ ହେବନାହିଁ।
  - ଉପଗ୍ରହ ଚିତ୍ର ଓ ପ୍ରଯୁକ୍ତିବିଦ୍ୟାର ଅନ୍ୟ ଉପଯୋଗ, ପ୍ରମାଣ ପାଇଁ ସହଯୋଗୀ ହୋଇପାରିବ ମାତ୍ର ଏହାକୁ କେବଳମାତ୍ର ବିକଳ୍ପ ଭାବରେ ଧରାଯିବ ନାହିଁ।
- ଗ୍ରାମସଭା/ଜଙ୍ଗଲ ଅଧିକାର କମିଟିକୁ ଆବଶ୍ୟକୀୟ ତଥ୍ୟ, ସୂଚନା, ନଥିପତ୍ର ଯୋଗାଇ ଦେବାପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ତା ୨୬.୧୨.୨୦୦୯ ରିଖରେ ନିର୍ଦ୍ଦେଶ ଦିଆଯାଇଛି। (ପତ୍ର ସଂଖ୍ୟା: ୪୫୬୫୯)

# ଜଙ୍ଗଲ ଅଧିକାର ଆଇନ୍, ନିୟମ ଏବଂ ମାର୍ଗଦର୍ଶିକାକୁ ଭିତ୍ତିକରି ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାର ପ୍ରାବଧାନ ଏବଂ ପ୍ରକ୍ରିୟା

ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍) ୨୦୦୬ର ଧାରା ୩ (୧)(ଜ)ରେ ନଥିଭୁକ୍ତ, ବିଜ୍ଞପିତ ହୋଇଥିବା କିମ୍ବା ହୋଇନଥିବା ସମସ୍ତ ଜଙ୍ଗଲ ଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ ଏବଂ ଜଙ୍ଗଲରେ ଥିବା ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଏବଂ ପରିବର୍ତ୍ତନ କରିବାର ଅଧିକାର ବିଷୟରେ ବର୍ଣ୍ଣନା କରାଯାଇଛି।

## କେଉଁ କେଉଁ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇ ପାରିବ ?

ଜଙ୍ଗଲ ଜମି ଉପରେ ଅବସ୍ଥିତ କୌଣସି ଗ୍ରାମ / ବସତି ଯାହାକି ଏକ ରାଜସ୍ୱ ଗ୍ରାମ ନୁହେଁ ତାହା ରାଜସ୍ୱ ଗ୍ରାମରେ ପରିଣତ କରାଯିବା ପାଇଁ ଯୋଗ୍ୟ ବୋଲି ବୁଝାଯିବ, ଯଥା–

- ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଜଙ୍ଗଲ ମଧ୍ୟରେ ସ୍ଥାପନ କରାଯାଇଥିବା ବସତି କିମ୍ବା ସଂରକ୍ଷିତ ଜଙ୍ଗଲ ଘୋଷଣା ପ୍ରକ୍ରିୟାରେ  ପରିବର୍ତ୍ତିତ ଜଙ୍ଗଲ ଗ୍ରାମ;
- ସମସ୍ତ ଜଙ୍ଗଲ ଗ୍ରାମ ସମେତ ସମସ୍ତ ପ୍ରକାର ଟଙ୍ଗିଆ ଗ୍ରାମ ଯାହାକୁ ଜଙ୍ଗଲ ବିଭାଗ ଦ୍ୱାରା ଅବସ୍ଥାପିତ କରାଯାଇଥିଲା ଏବଂ ଜଙ୍ଗଲଗ୍ରାମ ଭାବରେ ବିଭିନ୍ନ ସମୟରେ ନଥିଭୁକ୍ତ / ସ୍ୱୀକୃତି ପ୍ରଦାନ କରାଯାଇଥିଲା ଅବା କରାଯାଇନଥିଲା ;
- ଜଙ୍ଗଲ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଜଙ୍ଗଲ ଜମି ଉପରେ ବିଭିନ୍ନ ପ୍ରକାର ଲିଜ୍ ପ୍ରଦାନ କରିଥିବା କାରଣରୁ ସୃଷ୍ଟି ହୋଇଥିବା ସମସ୍ତ ଜଙ୍ଗଲ ଗ୍ରାମ ;
- ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପରୁ ବିସ୍ଥାପିତ ବ୍ୟକ୍ତି  କିମ୍ବା ସରକାରଙ୍କ ଦ୍ୱାରା କୌଣସି କାର୍ଯ୍ୟରେ ନିଯୁକ୍ତ ପାଇଥିବା ଶ୍ରମିକମାନଙ୍କୁ ଥଇଥାନ କରାଯାଇଥିବା ସମସ୍ତ ଗ୍ରାମ / ବସତି ;
- ଜଙ୍ଗଲ ଜମି ଉପରେ ଅବସ୍ଥିତ ହୋଇଥିବା ଯୋଗୁଁ ରାଜସ୍ୱ ବିଭାଗ ଦ୍ୱାରା ସର୍ଭେ ଏବଂ ବନ୍ଦୋବସ୍ତ ପ୍ରକିୟାରୁ ବାଦ୍ ପଡ଼ିଥିବା ଗ୍ରାମ/ବସତି।

## ଜଙ୍ଗଲ ଗ୍ରାମ / ଅଣସର୍ଭେ ଗ୍ରାମର ଚିହ୍ନଟ ପ୍ରକ୍ରିୟା

- ଜଙ୍ଗଲ ଜମି ମଧ୍ୟରେ ଥିବା ଜଙ୍ଗଲ ଗ୍ରାମ, ଅଣସର୍ଭେ ଗ୍ରାମ, ପୁରୁଣା ବସତି କିମ୍ବା ବାସସ୍ଥାନଗୁଡ଼ିକୁ ଗ୍ରାମପଞ୍ଚାୟତ ଦ୍ୱାରା ଚିହ୍ନଟ କରାଯିବ।
- ଜଙ୍ଗଲ ଜମିରେ ଥିବା ଗ୍ରାମ /ବସତିଗୁଡ଼ିକୁ ସରକାରଙ୍କର ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ଏବଂ ଜନଗଣନା ରିପୋର୍ଟରୁ ସଂଗ୍ରହ କରାଯାଇପାରିବ।
- ଜଙ୍ଗଲ ଗ୍ରାମର ତାଲିକା  ଜଙ୍ଗଲ ବିଭାଗରୁ ସଂଗ୍ରହ କରାଯାଇପାରିବ।
- ଉନ୍ନତିମୂଳକ ପ୍ରକଳ୍ପରୁ ବିସ୍ଥାପିତ ହୋଇ ଜଙ୍ଗଲ ଗ୍ରାମରେ ଅବସ୍ଥିତ ହୋଇଥିବା ଗ୍ରାମଗୁଡ଼ିକର ତାଲିକା ରାଜସ୍ୱ ବିଭାଗରୁ ମିଳିପାରିବ।

ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍) ୨୦୦୬ର ଧାରା ୩ (୧)(ଜ)ରେ ନଥିଭୁକ୍ତ, ବିଜ୍ଞପିତ ହୋଇଥିବା କିମ୍ବା ହୋଇନଥିବା ସମସ୍ତ ଜଙ୍ଗଲ ଗ୍ରାମ, ପୁରାତନ ବସତି, ସର୍ବେକ୍ଷଣ ହୋଇନଥିବା ଗ୍ରାମ ଏବଂ ଜଙ୍ଗଲରେ ଥିବା ଅନ୍ୟାନ୍ୟ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଏବଂ ପରିବର୍ତ୍ତନ କରିବାର ଅଧିକାର ବିଷୟରେ ବର୍ଣ୍ଣନା କରାଯାଇଛି ।

## କେଉଁ କେଉଁ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇ ପାରିବ ?

ଜଙ୍ଗଲ ଜମି ଉପରେ ଅବସ୍ଥିତ କୌଣସି ଗ୍ରାମ / ବସତି ଯାହାକି ଏକ ରାଜସ୍ୱ ଗ୍ରାମ ନୁହେଁ ତାହା ରାଜସ୍ୱ ଗ୍ରାମରେ ପରିଣତ କରାଯିବା ପାଇଁ ଯୋଗ୍ୟ ବୋଲି ବୁଝାଯିବ, ଯଥା-

- ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଜଙ୍ଗଲ ମଧ୍ୟରେ ସ୍ଥାପନ କରାଯାଇଥିବା ବସତି କିମ୍ବା ସଂରକ୍ଷିତ ଜଙ୍ଗଲ ଘୋଷଣା ପ୍ରକ୍ରିୟାରେ ପରିବର୍ତ୍ତିତ ଜଙ୍ଗଲ ଗ୍ରାମ;
- ସମସ୍ତ ଜଙ୍ଗଲ ଗ୍ରାମ ସମେତ ସମସ୍ତ ପ୍ରକାର ଟଙ୍ଗିଆ ଗ୍ରାମ ଯାହାକୁ ଜଙ୍ଗଲ ବିଭାଗ ଦ୍ୱାରା ଅବସ୍ଥାପିତ କରାଯାଇଥିଲା ଏବଂ ଜଙ୍ଗଲଗ୍ରାମ ଭାବରେ ବିଭିନ୍ନ ସମୟରେ ନଥିଭୁକ୍ତ / ସ୍ୱୀକୃତି ପ୍ରଦାନ କରାଯାଇଥିଲା ଅବା କରାଯାଇନଥିଲା ;
- ଜଙ୍ଗଲ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଜଙ୍ଗଲ ଜମି ଉପରେ ବିଭିନ୍ନ ପ୍ରକାର ଲିଜ୍ ପ୍ରଦାନ କରିଥିବା କାରଣରୁ ସୃଷ୍ଟି ହୋଇଥିବା ସମସ୍ତ ଜଙ୍ଗଲ ଗ୍ରାମ ;
- ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପରୁ ବିସ୍ଥାପିତ ବ୍ୟକ୍ତି କିମ୍ବା ସରକାରଙ୍କ ଦ୍ୱାରା କୌଣସି କାର୍ଯ୍ୟରେ ନିଯୁକ୍ତ ପାଇଥିବା ଶ୍ରମିକମାନଙ୍କୁ ଥଇଥାନ କରାଯାଇଥିବା ସମସ୍ତ ଗ୍ରାମ / ବସତି ;
- ଜଙ୍ଗଲ ଜମି ଉପରେ ଅବସ୍ଥିତ ହୋଇଥିବା ଯୋଗୁଁ ରାଜସ୍ୱ ବିଭାଗ ଦ୍ୱାରା ସର୍ଭେ ଏବଂ ବନ୍ଦୋବସ୍ତ ପ୍ରକିୟାରୁ ବାଦ୍ ପଡ଼ିଥିବା ଗ୍ରାମ/ବସତି ।

## ଜଙ୍ଗଲ ଗ୍ରାମ / ଅଣସର୍ଭେ ଗ୍ରାମର ଚିହ୍ନଟ ପ୍ରକ୍ରିୟା

- ଜଙ୍ଗଲ ଜମି ମଧ୍ୟରେ ଥିବା ଜଙ୍ଗଲ ଗ୍ରାମ, ଅଣସର୍ଭେ ଗ୍ରାମ, ପୁରୁଣା ବସତି କିମ୍ବା ବାସସ୍ଥାନଗୁଡ଼ିକୁ ଗ୍ରାମପଞ୍ଚାୟତ ଦ୍ୱାରା ଚିହ୍ନଟ କରାଯିବ ।
- ଜଙ୍ଗଲ ଜମିରେ ଥିବା ଗ୍ରାମ /ବସତିଗୁଡ଼ିକୁ ସରକାରଙ୍କର ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ଏବଂ ଜନଗଣନା ରିପୋର୍ଟରୁ ସଂଗ୍ରହ କରାଯାଇପାରିବ ।
- ଜଙ୍ଗଲ ଗ୍ରାମର ତାଲିକା ଜଙ୍ଗଲ ବିଭାଗରୁ ସଂଗ୍ରହ କରାଯାଇପାରିବ ।
- ଉନ୍ନତିମୂଳକ ପ୍ରକଳ୍ପରୁ ବିସ୍ଥାପିତ ହୋଇ ଜଙ୍ଗଲ ଗ୍ରାମରେ ଅବସ୍ଥିତ ହୋଇଥିବା ଗ୍ରାମଗୁଡ଼ିକର ତାଲିକା ରାଜସ୍ୱ ବିଭାଗରୁ ମିଳିପାରିବ ।
- ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ, ବନବିଭାଗ କାର୍ଯ୍ୟାଳୟ ଏବଂ ବଜାର ସ୍ଥାନରେ ଲୋକଙ୍କୁ ଏହି ଅଧିକାର ସମ୍ବନ୍ଧରେ ସଚେତନ କରାଇ ଜଙ୍ଗଲ ମଧ୍ୟରେ ଥିବା ଗ୍ରାମ / ବସତିଗୁଡ଼ିକର ଦାବି ଉପସ୍ଥାପନା କରିବା ନିମନ୍ତେ ସୂଚନା ପ୍ରଦାନ କରାଯାଇପାରିବ ।

## ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାର ପ୍ରକ୍ରିୟା

- ପ୍ରତ୍ୟେକ ପଞ୍ଚାୟତ ତାର ସୀମା ଭିତରେ ଥିବା ପଡ଼ାଗ୍ରାମ ବା ବସତିସମୂହ ରେକର୍ଡ଼ଭୁକ୍ତ / ନଥିଭୁକ୍ତ ହୋଇନଥିବା ଗ୍ରାମ ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଜଙ୍ଗଲ ଗ୍ରାମ, ଟଙ୍ଗିଆ ଗ୍ରାମ ଅଥବା ଜଙ୍ଗଲ ସ୍ଥିତ ଗ୍ରାମ ଗୁଡ଼ିକର ସୂଚୀ ପ୍ରସ୍ତୁତ କରି ପଞ୍ଚାୟତର ସଂକଳ୍ପନାମା ମାଧ୍ୟମରେ ପ୍ରତ୍ୟେକ ବସତିଗୁଡକର ସୂଚୀକୁ ଏକତ୍ରୀତ କରି ଗ୍ରାମସଭା ଦ୍ୱାରା ପାରିତ କରିବେ ଏବଂ ଉକ୍ତ ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିରେ ଦାଖଲ କରିବେ ;
- ଉପଖଣ୍ଡସ୍ତରୀୟ ଅଧିକାରୀ ବର୍ତ୍ତମାନ ସୁଦ୍ଧା କୌଣସି ଗ୍ରାମରେ ଅନ୍ତର୍ଭୁକ୍ତ ହୋଇନଥିବା କିନ୍ତୁ ଆଇନ୍‌ର ଧାରା ୩(୧)(ଜ) ଅନୁସାରେ ଜଙ୍ଗଲଗ୍ରାମର ସଂଜ୍ଞା ମଧ୍ୟରେ ଆସୁଥିବା ପଡାଗ୍ରାମ ବା ବସତିଗୁଡ଼ିକର ତାଲିକାକୁ ସମ୍ମିଳିତ କରିବେ ଏବଂ ତାହାକୁ ଜିଲ୍ଲାପାଳଙ୍କୁ ପ୍ରେରଣ କରିବେ ।
- ଜିଲ୍ଲାପାଳ ଜଙ୍ଗଲ ଗ୍ରାମର ତାଲିକାକୁ ସଂପୃକ୍ତ ପଞ୍ଚାୟତକୁ ପ୍ରେରଣ କରି ଜନସାଧାରଣଙ୍କର ମତାମତ ଆହ୍ୱାନ କରିବେ ।
- ଜନସାଧାରଣଙ୍କର ମତାମତକୁ ଆଧାର କରି ଜିଲ୍ଲାସ୍ତରରେ ଜଙ୍ଗଲ ଗ୍ରାମର ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯିବ ।
- ପଡ଼ାଗ୍ରାମ ତଥା ବସତିର ସୂଚୀ ଚୂଡ଼ାନ୍ତ ହେବାପରେ ଅଧିକାର ପ୍ରଦାନ ଓ ସ୍ୱୀକୃତର ପ୍ରକ୍ରିୟା ସେହି ପଡ଼ାଗ୍ରାମ ତଥା ବସତିରେ ଆରମ୍ଭ କରାଯିବ ଓ ପୂର୍ବରୁ ମାନ୍ୟତା ଦିଆଯାଇଥିବା କୌଣସି ଅଧିକାରକୁ ଏହା ବ୍ୟାଘାତ କରିବ ନାହିଁ ।
- ପ୍ରତ୍ୟେକ ଜିଲ୍ଲାରେ ପ୍ରସ୍ତୁତ କରାଯାଇଥିବା ତାଲିକାକୁ ରାଜ୍ୟସ୍ତରୀୟ ତଦାରଖ କମିଟିକୁ ଜଣାଇଦିଆଯିବ ଯିଏକି ଜଙ୍ଗଲଗ୍ରାମ ଏବଂ ପୁରୁଣା ବସତି ଏବଂ ତାର ପରିବର୍ତ୍ତନର ସ୍ଥିତି ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମ୍ମିଳିତ ତାଲିକା ପ୍ରସ୍ତୁତ କରିବେ । ପ୍ରତ୍ୟେକ ତିନିମାସରେ ଜିଲ୍ଲାଭିତ୍ତିକ ଜଙ୍ଗଲଗ୍ରାମର ତାଲିକା ଏବଂ ସେମାନଙ୍କର ପରିବର୍ତ୍ତନର ସ୍ଥିତି ସମ୍ବନ୍ଧୀୟ ଏକ ବିବରଣୀ ଆଦିବାସୀ ମନ୍ତ୍ରଣାଳୟକୁ ପ୍ରେରଣ କରିବେ ।
- ଜିଲ୍ଲାପାଳଙ୍କ ଠାରୁ ସୂଚିତ ହେବାର ତିନିମାସ ମଧ୍ୟରେ ଯଦି କୌଣସି ବସତି  ଏହି ଦାବିପତ୍ର ଦାଖଲ କରିବାରେ ବିଫଳ ହୁଏ ତେବେ ଜିଲ୍ଲାପାଳ ଏକ ରାଜସ୍ୱ ଅଧିକାରୀ (ତହସିଲଦାର ପାହ୍ୟାର)ଙ୍କୁ ଉକ୍ତ ବସତିକୁ ପ୍ରେରଣ କରି ଦାବି ଉପସ୍ଥାପନ ନହେବାର କାରଣ ଅନୁଧ୍ୟାନ କରିବେ ।
- ଜଙ୍ଗଲ ଗ୍ରାମର ଲୋକସଂଖ୍ୟା କମ୍ ଥିବା ସ୍ଥଳରେ ସେମାନେ ସ୍ୱତନ୍ତ୍ର ଛୋଟ ଜଙ୍ଗଲ ଅଧିକାର କମିଟି ଗଠନ କରିପାରିବେ କିମ୍ବା ମୂଳଗ୍ରାମର ଜଙ୍ଗଲ ଅଧିକାର କମିଟିରେ ନିଜକୁ ଅନ୍ତର୍ଭୁକ୍ତ କରିପାରିବେ ।

## ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ମହିଳାମାନଙ୍କର ଅଧିକାର

ଜଙ୍ଗଲ ଅଧିକାର ଆଇନ୍, ୨୦୦୬ ଏକ ଐତିହାସିକ ଆଇନ୍ ଯେଉଁଥିରେ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ କରାଯାଇଛି ।  ଏହି ଆଇନ୍‌ରେ ଜଙ୍ଗଲ ଜମି ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଉପରେ ଉଭୟ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଅଧିକାର ନିର୍ଣ୍ଣୟ ଏବଂ ଦାବି ପ୍ରକ୍ରିୟାରେ ମହିଳାମାନଙ୍କର ଭାଗିଦାରିତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।

**ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭାରେ ମହିଳାଙ୍କ ନିମନ୍ତେ ଥିବା ପ୍ରାବଧାନ**

- ଗ୍ରାମପଞ୍ଚାୟତ ତରଫରୁ ଡକାଯାଇଥିବା ପ୍ରଥମ ଗ୍ରାମସଭା ବୈଠକରେ ଗ୍ରାମସଭାର ୧୦ରୁ ୧୫ ଜଣ ସଭ୍ୟ/ସଭ୍ୟାଙ୍କୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ଯେଉଁଥିରେ **ଅତି କମ୍‌ରେ ଏକ ତୃତୀୟାଂଶ**

ଜଙ୍ଗଲ ଅଧିକାର ଆଇନ୍, ୨୦୦୬ ଏକ ଐତିହାସିକ ଆଇନ୍ ଯେଉଁଥିରେ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ କରାଯାଇଛି । ଏହି ଆଇନ୍‌ରେ ଜଙ୍ଗଲ ଜମି ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଉପରେ ଉଭୟ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଅଧିକାର ନିର୍ଣ୍ଣୟ ଏବଂ ଦାବି ପ୍ରକ୍ରିୟାରେ ମହିଳାମାନଙ୍କର ଭାଗିଦାରିତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।

**ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭାରେ ମହିଳାଙ୍କ ନିମନ୍ତେ ଥିବା ପ୍ରାବଧାନ**

- ଗ୍ରାମପଞ୍ଚାୟତ ତରଫରୁ ଡକାଯାଇଥିବା ପ୍ରଥମ ଗ୍ରାମସଭା ବୈଠକରେ ଗ୍ରାମସଭାର ୧୦ରୁ ୧୫ ଜଣ ସଭ୍ୟ/ସଭ୍ୟାଙ୍କୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ଯେଉଁଥିରେ **ଅତି କମ୍‌ରେ ଏକ ତୃତୀୟାଂଶ ମହିଳା** (ଅର୍ଥାତ୍ **୧୦ ଜଣିଆ କମିଟିରେ** ଅତି କମ୍‌ରେ **୪ ଜଣ ମହିଳା** ଏବଂ **୧୫ ଜଣିଆ କମିଟିରେ** ଅତି କମ୍‌ରେ **୫ ଜଣ ମହିଳା** ) ସଭ୍ୟା ରହିବା ଆବଶ୍ୟକ । ଯେଉଁଠାରେ ଅନୁସୂଚିତ ଜନଜାତି ନଥିବେ, ସେଠାରେ ମଧ୍ୟ **ଅତି କମ୍‌ରେ ଏକ ତୃତୀୟାଂଶ ମହିଳା** ସଭ୍ୟା ରହିବେ ।
- ଗ୍ରାମସଭାରେ ମହିଳାମାନେ **ସମ୍ପୂର୍ଣ୍ଣ ତଥା ଅବାଧ** ଭାବରେ ଯୋଗ ଦେଇପାରିବେ (ଧାରା ୨(ଛ) ଅନୁଯାୟୀ) ।
- ଗ୍ରାମସଭା ବୈଠକ କୋରମ୍ ସେହି ଗ୍ରାମସଭାର ସମସ୍ତ ସଦସ୍ୟ ସଂଖ୍ୟାର ଅଧାରୁ କମ୍ ହୋଇନଥିବେ । ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ **ଅତି କମ୍‌ରେ ଏକ ତୃତୀୟାଂଶ ମହିଳା** ସଦସ୍ୟା ଉପସ୍ଥିତ ଥିବା ଆବଶ୍ୟକ (ନିୟମ ୪(୨) ଅନୁଯାୟୀ) ।

**ଉପ-ଖଣ୍ଡସ୍ତରୀୟ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟିରେ ମହିଳାଙ୍କ ନିମନ୍ତେ ଥିବା ପ୍ରାବଧାନ:**

- ଉପଖଣ୍ଡସ୍ତରୀୟ କମିଟିରେ ମନୋନୀତ ହୋଇଥିବା ୩ଜଣ ପଞ୍ଚାୟତ ସମିତି ସଭ୍ୟ / ସଭ୍ୟାଙ୍କ ମଧ୍ୟରୁ **ଅତିକମ୍‌ରେ ଜଣେ ମହିଳା ସଭ୍ୟା** ହୋଇଥିବେ (ନିୟମ ୫(ଗ) ଅନୁସାରେ) ।
- ଜିଲ୍ଲାସ୍ତରୀୟ କମିଟିରେ ମନୋନୀତ ହୋଇଥିବା ୩ଜଣ ଜିଲ୍ଲାପରିଷଦ ସଭ୍ୟ / ସଭ୍ୟାଙ୍କ ମଧ୍ୟରୁ **ଅତିକମ୍‌ରେ ଜଣେ ମହିଳା ସଭ୍ୟା** ହୋଇଥିବେ (ନିୟମ ୭(ଗ) ଅନୁସାରେ) ।

**ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ମହିଳାମାନଙ୍କ ଭୂମିକା ଓ ଭାଗିଦାରିତା**

- ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ମିଳିଥିବା ଅଧିକାର ପତ୍ରରେ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ନାମ ଯୁଗ୍ମ ଭାବରେ ରହିବ ।
- ଯଦି ଘରର ମୁଖ୍ୟ ମହିଳା ହୋଇଥାନ୍ତି, ତେବେ ତାଙ୍କ ନାମରେ ଅଧିକାର ପତ୍ର ପ୍ରଦାନ କରାଯିବ ।
- ଗ୍ରାମସଭାରେ ମହିଳାମାନେ ସମ୍ପୂର୍ଣ୍ଣ ତଥା ଅବାଧ ଭାବରେ ଯୋଗଦାନ କରି ନିଜର ମତାମତ ସ୍ପଷ୍ଟ ଭାବରେ ରଖିବେ ।
- ବ୍ୟକ୍ତିଗତ ଅଧିକାର, ଗୋଷ୍ଠିଗତ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରର ନିର୍ଣ୍ଣୟ ପ୍ରକ୍ରିୟାରେ ମହିଳାମାନେ ଭାଗ ନେଇ ତାଙ୍କର ମତାମତ ରଖିବେ ।
- ଗୋଷ୍ଠୀଜଙ୍ଗଲ ସମ୍ବଳର ମାନଚିତ୍ର ପ୍ରସ୍ତୁତି ସମୟରେ ମହିଳାମାନେ ଉପସ୍ଥିତ ରହି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଞ୍ଚଳ ଏବଂ ପାରମ୍ପରିକ ସୀମା ନିର୍ଣ୍ଣୟ ପ୍ରକ୍ରିୟାରେ ସାମିଲ୍ ହେବେ ।

# ଅଭିଯୋଗ ଏବଂ ଅପିଲ୍

## ଅପିଲ୍ କଣ ?


**ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଗ୍ରାମସଭା ଏବଂ / କିମ୍ବା ଉପଖଣ୍ଡସ୍ତରୀୟ କମିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ଜଙ୍ଗଲ ଅଧିକାରର ଦାବି ଉପରେ ନିଆଯାଇଥିବା ନିଷ୍ପତ୍ତି ଯୋଗୁଁ କ୍ଷତିଗ୍ରସ୍ତ ବା ଅସନ୍ତୁଷ୍ଟ ହେଉଥିବା ବ୍ୟକ୍ତିବିଶେଷ ବା ଗୋଷ୍ଠୀମାନଙ୍କୁ ଅଭିଯୋଗ ଏବଂ ଅପିଲ୍ କରିବାର ସୁଯୋଗ ପ୍ରଦାନ କରାଯାଇଛି ।**

## ଅପିଲ୍ କେଉଁମାନେ କରିପାରିବେ ?

**ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୬(୨) ଓ ୬(୪) ଅଧୀନରେ ନିମ୍ନଲିଖିତ କ୍ଷତିଗ୍ରସ୍ତ ବା ଅସନ୍ତୁଷ୍ଟ ବ୍ୟକ୍ତିବିଶେଷ/ ଗୋଷ୍ଠୀ ଅପିଲ୍ କରିପାରିବେ ।**

- ଦାବିଦାର
- ଗ୍ରାମସଭା
- ଗୋଷ୍ଠୀ
- ପାରମ୍ପରିକ ଅନୁଷ୍ଠାନ
- ଯେ କୌଣସି ବ୍ୟକ୍ତି କିମ୍ବା ରାଜ୍ୟ ଏଜେନ୍‌ସି

## କିଏ, କେତେବେଳେ କାହାକୁ ଅପିଲ୍ କରିପାରିବେ ?




**୧. ଗ୍ରାମସଭା ନିଷ୍ପତ୍ତି ବିରୋଧରେ ଉପଖଣ୍ଡସ୍ତରୀୟ କମିଟି ନିକଟରେ ଅପିଲ କରିବା ବିଧି ଓ ବ୍ୟବସ୍ଥା**

ଗ୍ରାମସଭା ଦ୍ୱାରା ଦାବିର ପରିବର୍ତ୍ତନ ଅଥବା ନାକଚ କ୍ଷେତ୍ରରେ ନିଆଯାଇଥିବା ନିଷ୍ପତ୍ତି କିମ୍ବା ସୁପାରିଶକୁ ସମ୍ପୃକ୍ତ ଦାବିଦାରଙ୍କୁ ସୂଚୀତ କରିଦିଆଯିବ, ଯାହାଦ୍ୱାରା ଦାବିଦାର ଉପଖଣ୍ଡସ୍ତରୀୟ କମିଟି ନିକଟରେ ନିମ୍ନମତେ ଅପିଲ କରିପାରିବେ ।

- କୌଣସି ବ୍ୟକ୍ତି ଗ୍ରାମସଭାର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଉଥିଲେ ସେ ଲିଖିତ ଭାବେ ଉପଖଣ୍ଡ (ସବ୍‌ଡ଼ିଭିଜନ) ସ୍ତରୀୟ କମିଟି ନିକଟରେ ନିଜର ଅଭିଯୋଗ ୬୦ ଦିନ ମଧ୍ୟରେ ଦାଖଲ କରିପାରିବେ ଏବଂ ଆବଶ୍ୟକସ୍ଥଳେ ଏହା ଅଧିକ ୩୦ଦିନକୁ ବୃଦ୍ଧି କରାଯାଇପାରିବ ।


- ଉପଖଣ୍ଡ ସ୍ତରୀୟ କମିଟି ଏଭଳି ଅଭିଯୋଗ ପତ୍ର ପାଇବା ପରେ ଅଭିଯୋଗର ଶୁଣାଣୀ ନିମନ୍ତେ ଏକ ବୈଠକର ଆୟୋଜନ କରିବେ ଏବଂ ବୈଠକର ତାରିଖ ଓ ସମୟ ଉଭୟ ଗ୍ରାମସଭା ଓ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ୧୫ ଦିନ ପୂର୍ବରୁ ଜଣାଇବେ।
- ଉପଖଣ୍ଡସ୍ତରୀୟ କମିଟି ଉକ୍ତ ଅଭିଯୋଗକୁ ଗ୍ରହଣ, ଅଗ୍ରାହ୍ୟ କିମ୍ବା ପୁନଃବିଚାର ନିମନ୍ତେ ସଂପୃକ୍ତ ଗ୍ରାମସଭା ନିକଟକୁ ପଠାଇ ଦେଇ ପାରନ୍ତି।
- ଏପରିସ୍ଥଳେ ୩୦ ଦିନ ମଧ୍ୟରେ ଗ୍ରାମସଭା ବୈଠକ ଅନୁଷ୍ଠିତ କରାଯାଇ ଆବେଦନକାରୀଙ୍କ ଅଭିଯୋଗ ବିଶେଷ ଭାବେ ଶୁଣିବେ ଏବଂ ତାକୁ ଆଧାର କରି ଏକ ପ୍ରସ୍ତାବ ଗ୍ରହଣ କରି ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ।
- ଉପଖଣ୍ଡସ୍ତରୀୟ କମିଟି ଗ୍ରାମସଭାର ପ୍ରସ୍ତାବକୁ ବିଚାର କରିବେ ଏବଂ ଅଭିଯୋଗକୁ ଗ୍ରହଣ କିମ୍ବା ଖାରଜ କରି ଉପଯୁକ୍ତ ଆଦେଶ ଗୃହୀତ କରିବେ।
- ଦୁଇ କିମ୍ବା ତତୋଧିକ ଗ୍ରାମସଭା ମଧ୍ୟରେ ବିବାଦ ଦେଖାଦେଲେ, ଉପଖଣ୍ଡସ୍ତରୀୟ କମିଟି ଗ୍ରାମସଭାମାନଙ୍କର ଏକ ଯୁଗ୍ମ ବୈଠକ ଡ଼ାକିବେ ଏବଂ ୩୦ ଦିନ ମଧ୍ୟରେ ଯଦି କୌଣସି ପାରସ୍ପରିକ ସହମତିଭିତ୍ତିକ ସମାଧାନ ନମିଳେ, ଉପଖଣ୍ଡସ୍ତରୀୟ କମିଟି ସଂପୃକ୍ତ ଗ୍ରାମସଭାମାନଙ୍କର ଶୁଣାଣି ପରେ ବିବାଦର ସମାଧାନ କରିବେ ଏବଂ ଉପଯୁକ୍ତ ଆଦେଶ ଗୃହୀତ କରିବେ।

## ୭. ଉପଖଣ୍ଡସ୍ତରୀୟ କମିଟି ନିଷ୍ପତ୍ତି ବିରୋଧରେ ଜିଲ୍ଲାସ୍ତରୀୟ କମିଟି ନିକଟରେ ଅପିଲ କରିବା ବିଧି ଓ ବ୍ୟବସ୍ଥା

ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା ଦାବିର ପରିବର୍ତ୍ତନ ଅଥବା ନାକଚ କ୍ଷେତ୍ରରେ ନିଆଯାଇଥିବା ନିଷ୍ପତ୍ତି କିମ୍ବା ସୁପାରିଶକୁ ସମ୍ପୃକ୍ତ ଗ୍ରାମସଭା / ଦାବିଦାରକୁ ସୂଚୀତ କରିଦିଆଯିବ, ଯାହାଦ୍ୱାରା ଦାବିଦାର ଉପଖଣ୍ଡସ୍ତରୀୟ କମିଟି ବିରୁଦ୍ଧରେ ଜିଲ୍ଲାସ୍ତରୀୟ କମିଟି ନିକଟରେ ନିମ୍ନମତେ ଅପିଲ କରିପାରିବେ।

- କୌଣସି ବ୍ୟକ୍ତି ଉପଖଣ୍ଡସ୍ତରୀୟ କମିଟିର ପ୍ରସ୍ତାବ ଦ୍ୱାରା କ୍ଷତିଗ୍ରସ୍ତ ହେଉଥାନ୍ତି ତେବେ ସେ ଲିଖିତ ଭାବେ ଜିଲ୍ଲାସ୍ତରୀୟ କମିଟି ନିକଟରେ ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ୬୦ ଦିନ ମଧ୍ୟରେ ନିଜର ଅଭିଯୋଗ ଦାଖଲ କରିପାରିବେ ଏବଂ ଆବଶ୍ୟକସ୍ଥଳେ ଏହା ଅଧିକ ୩୦ଦିନକୁ ବୃଦ୍ଧି କରାଯାଇପାରିବ।
- ଜିଲ୍ଲାସ୍ତରୀୟ କମିଟି  ଏଭଳି ଅଭିଯୋଗ ପାଇଲା ପରେ ଅଭିଯୋଗର ଶୁଣାଣୀ ନିମନ୍ତେ ଏକ ବୈଠକ ଆୟୋଜନ କରିବେ ଏବଂ ବୈଠକର ତାରିଖ ଓ ସମୟ ଉଭୟ ଗ୍ରାମସଭା ଓ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ୧୫ ଦିନ ପୂର୍ବରୁ ଜଣାଇବେ।
- ଜିଲ୍ଲାସ୍ତରୀୟ କମିଟି ଲିଖିତ ଅଭିଯୋଗକୁ ଗ୍ରହଣ କିମ୍ବା ଅଗ୍ରାହ୍ୟ କିମ୍ବା ପୁନଃବିଚାର ନିମନ୍ତେ ସଂପୃକ୍ତ ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ।
- ପୁନଃବିଚାର ନିମନ୍ତେ ଗୃହୀତ ହେଲାପରେ, ଉପଖଣ୍ଡସ୍ତରୀୟ କମିଟି ଆବେଦନକାରୀ ଏବଂ ଗ୍ରାମସଭାକୁ ସବିଶେଷ ଶୁଣିବେ ଏବଂ ନିଷ୍ପତ୍ତି ଗ୍ରହଣ କରିବା ସହିତ ଜିଲ୍ଲାସ୍ତରୀୟ କମିଟିକୁ ଏ ବିଷୟରେ ଅବଗତ କରାଇବେ।
- ତା'ପରେ ଜିଲ୍ଲାସ୍ତରୀୟ କମିଟି ଲିଖିତ ଅଭିଯୋଗକୁ ବିଚାର କରିବେ ଏବଂ ଏହାକୁ ଗ୍ରହଣ କିମ୍ବା ଖାରଜ କରି ଉପଯୁକ୍ତ ଆଦେଶ ଗୃହୀତ କରିବେ।

# ଜଙ୍ଗଲ ଅଧିକାରଧାରୀଙ୍କର ଜୀବନ ଜୀବିକା ସୁଦୃଢୀକରଣ ନିମନ୍ତେ ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଥିବା ପ୍ରାବଧାନ ଓ ପ୍ରକ୍ରିୟା




ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକ ଯଥା ଆଦିବାସୀ ଓ ସମାଜ କଲ୍ୟାଣ, ପରିବେଶ ଓ ଜଙ୍ଗଲ, ରାଜସ୍ୱ, ଗ୍ରାମୀଣ ଉନ୍ନୟନ, ପଞ୍ଚାୟତିରାଜ ତଥା ଅନ୍ୟାନ୍ୟ ବିଭାଗ ଯେଉଁମାନେ ଅନୁସୂଚୀତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା ମାଧ୍ୟମରେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଜମିକୁ ଉନ୍ନତିକରଣ ଏବଂ ଉତ୍ପାଦନକ୍ଷମ କରାଇ ସେମାନଙ୍କର ଜୀବିକା ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ପାଇଁ ଜଙ୍ଗଲ ଅଧିକାର ସଂଶୋଧିତ ନିୟମ ୨୦୧୨ର ଧାରା ୧୬ରେ ପ୍ରାବଧାନ ରହିଛି । ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ତା୨୩.୦୪.୨୦୧୫ରିଖରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଗୋଷ୍ଠୀଜଙ୍ଗଲ ସମ୍ବଳର ପରିଚାଳନା ନିମନ୍ତେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ ଥିବା ପାଣ୍ଠି ଯଥା ଆଦିବାସୀ ଉପ-ଯୋଜନାରେ ଥିବା ପାଣ୍ଠି, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପାଣ୍ଠି, ଜଙ୍ଗଲ ରୟତି କର ପାଇଁ ଗ୍ରାମ ପଞ୍ଚାୟତ ପାଣ୍ଠି, କ୍ଷତିପୂରଣ ଜନିତ ବୃକ୍ଷ ରୋପଣ ପାଣ୍ଠି ଇତ୍ୟାଦିକୁ ନିୟମ ୪(୧)(ଙ) ଅଧିନରେ ଗଠିତ ହୋଇଥିବା ସୁରକ୍ଷା, ସଂରକ୍ଷଣ ଏବଂ ପରିଚାଳନା କମିଟିକୁ ଉପଲବ୍ଧ କରାଇବେ ଏବଂ ରାଜ୍ୟ ସରକାର ଗୋଷ୍ଠୀ ଜଙ୍ଗଲ ସମ୍ବଳର ଉନ୍ନତିକରଣ ପାଇଁ ଧାରା ୧୬ ଅନୁସାରେ ଆଦିବାସୀ ମନ୍ତ୍ରଣାଳୟକୁ ପ୍ରସ୍ତାବ ପଠାଇ ପାରିବେ ।

## ଅଧିକାର ଧାରକଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା


- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ / ଯୋଜନା (ଜମି ମରାମତି, ପୋଖରୀ ଖନନ, ବୃକ୍ଷ ରୋପଣ(ଆମ୍ବ, କଦଳୀ, କାଜୁ, ଲିଚୁ, ଅମୃତଭଣ୍ଡା, ପିଜୁଳି, ସପୁରୀ, ଷ୍ଟ୍ରବେରୀ, ଛତୁ ଇତ୍ୟାଦି ) ନିମନ୍ତେ ଜଣେ ଅଧିକାର ଧାରକଙ୍କୁ ଏହି ଯୋଜନା ଅଧିନରେ ୧୫୦ ଦିନର କାମ ମିଳିପାରିବ )
- ଜାତୀୟ ଉଦ୍ୟାନ ମିଶନ
    - ପନିପରିବା ଚାଷ ପାଇଁ ସହାୟତା, ନୂତନ ଫୁଲ ବଗିଚା ପ୍ରତିଷ୍ଠା ପାଇଁ ୟୁନିଟ୍, ଫଳ ଚାରା ନର୍ସରୀ ପ୍ରତିଷ୍ଠା, ଅଦା ଓ ହଳଦୀ ମସଲା ଚାଷ ପାଇଁ ସହାୟତା, ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ / ସମନ୍ୱିତ ଖାଦ୍ୟ ସାର ପରିଚାଳନା, ପୁରୁଣା ବଗିଚାର ପୁର୍ନରୁଦ୍ଧାର, ଜିଆ ଖତ ପ୍ରସ୍ତୁତି ନିମିତ୍ତ ଜିଆ କୁଣ୍ଡ ପ୍ରତିଷ୍ଠା ପାଇଁ ସହାୟତା ଗୋଷ୍ଠିଗତ ପାଣିଟାଙ୍କି, ଉଦ୍ୟାନକୃଷି ଯନ୍ତ୍ରପାତିର କ୍ରୟ ଉପରେ ଅନୁଦାନ, ମହୁମାଛି ପାଳନ ପାଇଁ ୫୦% ସହାୟତା, ଅମଳ ପରବର୍ତ୍ତୀ ଯତ୍ନପାଇଁ ସହାୟତା ।
    - ଜାତୀୟ ଅଣୁ ଜଳସେଚନ ମିଶନ ଯୋଜନା
    - ଜାତୀୟ ଔଷଧୀୟ ବୃକ୍ଷ ମିଶନ ଯୋଜନା


- ବୁନ୍ଦା ଜଳସେଚନ ବ୍ୟବସ୍ଥା ପାଇଁ ଅନୁଦାନ ।
- ନଡ଼ିଆଚାଷର ବିକାଶରେ ନାରୀକେଳ ଉନ୍ନୟନ ଯୋଜନା
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା


- ଜାତୀୟ ବାଉଁଶ ମିଶନ (ବାଉଁଶ ଗଛ ରୋପଣ)
- ଇନ୍ଦିରା ଆବାସ ଯୋଜନା / ବିଜୁ ପକ୍କା ଘର(ବାସଗୃହ)
- ଅନ୍ୟାନ୍ୟ

## କାର୍ଯ୍ୟକାରୀ ପ୍ରକ୍ରିୟା

- ସରକାରୀ କର୍ମଚାରୀମାନେ ଅଧିକାର ଧାରକଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ଅଧିନରେ ଥିବା ବିଧି ଓ ବ୍ୟବସ୍ଥା ବିଷୟରେ ଗ୍ରାମସଭାରେ ଅବଗତ କରାଇବେ ।
- ଗ୍ରାମସଭାରେ ଗ୍ରାମବାସୀମାନଙ୍କର ଜୀବନଜୀବିକା ସମ୍ବନ୍ଧୀୟ ଆବଶ୍ୟକତା ଏବଂ ସମ୍ଭାବନାକୁ ଚିହ୍ନଟ କରାଯାଇ ବ୍ୟକ୍ତିଗତ ଜଙ୍ଗଲ ଜମି ଏବଂ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳର ଉନ୍ନତିକରଣ ଏବଂ ଉତ୍ପାଦନକ୍ଷମ କରାଇବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରି ଗ୍ରାମସଭା ଦ୍ୱାରା ଗୃହୀତ କରାଯିବ । ଉକ୍ତ ଯୋଜନାଟି ନିୟମ ୪(୧)(ଙ) ଅଧିନରେ ଗଢା ହୋଇଥିବା କମିଟି ମାଧ୍ୟମରେ ଗୋଷ୍ଠୀଜଙ୍ଗଲ ସମ୍ବଳର ସଂରକ୍ଷଣ ଏବଂ ପରିଚାଳନାକୁ ଆଧାର କରି ତିଆରି ହେବା ଉଚିତ୍ ।
- ଯୋଜନା ମୁତାବକ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକାର ଧାରକଙ୍କର ଆନୁସଙ୍ଗିକ ନଥିପତ୍ର ସହିତ ଜମିର ଅଧିକାର ପତ୍ରର ନକଲ ଗୁଡ଼ିକୁ ସଂଯୁକ୍ତ କରି ବ୍ଲକ୍ ଉନ୍ନୟନ ତଥା କାର୍ଯ୍ୟନିବାହୀ ଅଧିକାରୀଙ୍କ ନିକଟକୁ ଆବେଦନ କରାଯିବ ।
- ଆବେଦନ ପତ୍ର ପାଇବା ପରେ ବ୍ଲକ୍ ଉନ୍ନୟନ ତଥା କାର୍ଯ୍ୟନିବାହୀ ଅଧିକାରୀ / ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା, କ୍ଷେତ୍ରୀୟ କର୍ମଚାରୀଙ୍କ ସହାୟତାରେ କ୍ଷେତ୍ରସ୍ତରୀୟ ତଦାରଖ କରିବେ ।
- କ୍ଷେତ୍ରସ୍ତରୀୟ ତଦାରଖ ପରେ ଯଦି ଅଧିକାର ଧାରକ ଯୋଗ୍ୟ ବିବେଚିତ ହୁଅନ୍ତି ତେବେ ଅଧିକାର ଧାରକଙ୍କ ସପକ୍ଷରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।







***Prepared by:***

**VASUNDHARA**
Plot No. # 1731/C, Phase-II, Near Maruti Villa
Dash Mohapatra Complex, At/PO- KIIT
Campus,
Bhubaneswar - 751024, Odisha, India
Phone, 91-674-2728884, 2728885,
email: vasundharanr@vasundharaorissa.org
web-site: www.vasundharaorissa.org

***Supported by:***

RIGHTS + RESOURCES

***Publish: September, 2017***